ଧରିତ୍ରୀ
October 14-20, 2018 ₹ 2/-

# ଛୁଟିଦିନ



## ଝିଅ ନୁହେଁ ହୀରା

ପ୍ରଚ୍ଛଦ ପ୍ରସଙ୍ଗ

୪

କମୁନି କନ୍ୟାଭ୍ରୂଣ ହତ୍ୟା। ଆଜି ବି ଅଳିଆ, ଆବର୍ଜନା, ପରିତ୍ୟକ୍ତ ସ୍ଥାନରୁ ଶୁଭୁଛି କଅଁଳ ଶିଶୁକନ୍ୟାର କରୁଣ କ୍ରନ୍ଦନ। ହେଲେ ସେହି ଝିଅ ବାରବାର ପ୍ରମାଣିତ କରିଆସିଛି, ସେ ନୁହେଁ କାହାଠାରୁ କମ୍...


ସହରଠୁ ଦୂର

୧୩



ସିନେମା

୮/୯



## ଶୁଭଫଳ ପାଇବା ପାଇଁ ...



* ନବରାତ୍ରି ବା ପାର୍ବଣର ୯ ଦିନ ମଧ୍ୟରେ ଘରର ମୁଖ୍ୟ ଦ୍ୱାରରେ ମା' ଲକ୍ଷ୍ମୀଙ୍କ ପାଦ ଚିହ୍ନକୁ ଲଗାଇବା ବା ସ୍ଥାପନ କରିବା ଅତ୍ୟନ୍ତ ଶୁଭ ବୋଲି କୁହାଯାଏ।
* ପଦ୍ମଫୁଲ ଉପରେ ବିରାଜିତ ମା' ଲକ୍ଷ୍ମୀଙ୍କ ଫଟୋ ବା ଚିତ୍ରକୁ ଘର ବା ଦୋକାନର ମୁଖ୍ୟ ଦ୍ୱାରର ଉପରିଭାଗରେ ଲଗାଇବା ଦ୍ୱାରା ଶୁଭଫଳ ପ୍ରାପ୍ତି ହୋଇଥାଏ।
* ଏହାବ୍ୟତୀତ ମୁଖ୍ୟ ଦ୍ୱାରରେ ଚାନ୍ଦିର ବା ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ ଲଗାଇବା ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ। ଏହାଦ୍ୱାରା ଘର ମଧ୍ୟକୁ ନକାରାତ୍ମକ ଶକ୍ତି ପ୍ରବେଶ କରିପାରନ୍ତି ନାହିଁ।
* ଘର ମୁଖ୍ୟ ଦ୍ୱାରର ପୂର୍ବ ବା ଉତ୍ତର ଦିଗରେ ପାଣିପୂର୍ଣ୍ଣ କଳସ ରଖି ସେଥିରେ କିଛି ଫୁଲ ପକାଇ ରଖନ୍ତୁ। ଏହା ଘର ପାଇଁ ଶୁଭଫଳ ଆଣିଥାଏ।
* ଘର ବା ଦୋକାନର ମୁଖ୍ୟ ଦ୍ୱାରରେ ଫୁଲ ଏବଂ ପତ୍ରର ତୋରଣ ଲଗାନ୍ତୁ। ଏହାଦ୍ୱାରା ଘର ମଧ୍ୟକୁ ସକାରାତ୍ମକ ଉର୍ଜା ପ୍ରବେଶ କରିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅକ୍ଟୋବର ୧୪-୨୦

**ମେଷ**
ସ୍ୱାସ୍ଥ୍ୟ ଭଲ ରହିବ, ମାନସିକ ସ୍ଥିରତା ଅକ୍ଷୁର୍ଣ୍ଣ ରହିବ। ଯାତ୍ରାରେ ଅଭିଳକ୍ଷିତ ଫଳ ପାଇବେ। ଆତ୍ମୀୟଙ୍କ ବିଶୃଙ୍ଖଳିତରୁ ଦୁଶ୍ଚିନ୍ତା, ଅର୍ଥ ପ୍ରାପ୍ତି। କର୍ମକ୍ଷେତ୍ରରେ ପଶ୍ଚାତ୍ତାପ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ସମ୍ପର୍କ ପୁଣି ଯୋଡିହୋଇଯିବ।

**ବୃଷ**
ଉତ୍ତମ ବୁଝାମଣାରୁ ପାରିବାରିକ ଶାନ୍ତି, ବନ୍ଧୁ ସମ୍ପର୍କରେ ଉନ୍ନତି, ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ। ଗୃହୋପକରଣ ସାମଗ୍ରୀ କ୍ରୟ କରିବେ, ଚାକିରିରେ ସମ୍ମାନ ଲାଭ, ଆନୁଷ୍ଠାନିକ କାମରେ ପଦମର୍ଯ୍ୟାଦା ବୃଦ୍ଧି।

**ମିଥୁନ**
କଠିନ ପରିଶ୍ରମରୁ ଦେହପୀଡ଼ା, ଆର୍ଥିକ ଅବନତିରୁ ଦୁଶ୍ଚିନ୍ତା, ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଅସାବଧାନତାରୁ ଦ୍ରବ୍ୟ ନଷ୍ଟ, ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ, ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ।

**କର୍କଟ**
ଉଦ୍ୟମ ସଫଳ, ସହକର୍ମୀଙ୍କ ସାହାଯ୍ୟ, ଭ୍ରମଣଜନିତ ଅସୁସ୍ଥତା। ବନ୍ଧୁ କଥାରୁ କୌଣସି ଭୁଲ୍ କାମ କରିବେ, ସାମାଜିକ ସ୍ତରରେ ସମ୍ମାନ ସମସ୍ୟାର ସମାଧାନ, ସହାୟତା ପାଇବେ।

**ସିଂହ**
ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ, ସହଯୋଗରୁ ସମସ୍ୟା ସମାଧାନ, ସହମତିରୁ ସଫଳତା, ଲୋକ ସମ୍ପର୍କ ବଢ଼ିବ, ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଆଳାପ ଆଲୋଚନାରେ ସମୟ କଟାଇବେ।

**କନ୍ୟା**
ଯାତ୍ରା ଫଳପ୍ରଦ ହେବ, ସଭାସମିତିକୁ ଆମନ୍ତ୍ରଣ, ବନ୍ଧୁଙ୍କ ପରାମର୍ଶ, ଶତ୍ରୁତାର ଅବସାନ। ଦୂରଯାତ୍ରା କରିବାକୁ ପଡିପାରେ, ଶୁଣାଣି ବିଳମ୍ବରେ ଘଟିବ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ତୁଳା**
ସୁସ୍ଥ ମାନସିକତା, କାର୍ଯ୍ୟରେ ସ୍ଥିରତା, ବନ୍ଧୁମିଳନ। ବନ୍ଧୁଙ୍କ ଅନୁରକ୍ତି, ଗୃହ ସମସ୍ୟା ବଢ଼ିବ, ଆଶା ଅନୁରୂପ ଫଳ, ବନ୍ଧୁ ବିରୋଧୀ ହେବେ। ଯାନ୍ତ୍ରିକ ତ୍ରୁଟି, ଯାତ୍ରାରେ ବିଳମ୍ବ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା। କଳା, ସାହିତ୍ୟରୁ ସୁନାମ।

**ବିଛା**
ଭୋଗ ବିଳାସର ପ୍ରାଚୁର୍ଯ୍ୟ, ଅର୍ଥ ଓ ସମ୍ମାନ ପାଇବେ। ଉଚ୍ଚବର୍ଗଙ୍କଠାରୁ ସମାଲୋଚନା, ସାମାନ୍ୟ ଶାରୀରିକ ଅସୁସ୍ଥି। ରଚନାତ୍ମକ କାମରେ ପ୍ରଶଂସା ପାଇବେ, ସଭାସମିତିରୁ ସୁଫଳ, ଅବହେଳିତ କାର୍ଯ୍ୟରୁ ଅନୁତାପ ।

**ଧନୁ**
ହାତ ପାହାନ୍ତାରେ ସୁଯୋଗ ଲାଭ, ଘଟଣା ନ ବୁଝି ପଡୋଶୀଙ୍କ କ୍ରୋଧ, ନୂତନ କାମରେ ପ୍ରତିବନ୍ଧକ। ଜମିଜମା ଖରିଦ, ଅତିଥି ଚର୍ଚ୍ଚାକୁ ନେଇ ପ୍ରଶଂସା। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ, ଗବେଷଣାରୁ ଅଗ୍ରଗତି, ନୂତନ ବନ୍ଧୁ ସମ୍ପର୍କ।

**ମକର**
ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି, ବନ୍ଧୁଙ୍କ ଭୁଲ୍ ବୁଝାମଣା, ସନ୍ତାନଙ୍କ ସ୍ୱାସ୍ଥ୍ୟହାନି, ସରକାରୀ କ୍ଷେତ୍ରରୁ ଲାଭ, ବକେୟା ପ୍ରାପ୍ତିରେ ବାଧା, ମାନସିକ ଅସ୍ଥିରତା, ମିତ୍ରବନ୍ଧୁଙ୍କ ପ୍ରବୋଧନା, ଆନୁଷ୍ଠାନିକ କାମ, ସାହାଯ୍ୟ ଲାଭରୁ ଆଶ୍ୱସ୍ତି।

**କୁମ୍ଭ**
ଆତ୍ମୀୟମାନଙ୍କ ଉଦାରତା, ସାମାଜିକ ସ୍ତରରେ ଉନ୍ନତି, ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିବ, ଶିଳ୍ପ, ବାଣିଜ୍ୟରୁ ଆତ୍ମତୃପ୍ତି, ରାଜନୈତିକ ସ୍ଥିରତା, ଆଇନ ସହାୟତା, ନୂତନ ସମ୍ପର୍କ, ରୋଗପୀଡା କମିବ, କାର୍ଯ୍ୟଦକ୍ଷତା ବୃଦ୍ଧି, ନୀତିଗତ ନିଷ୍ପତ୍ତି ନେବେ।

**ମୀନ**
ମାନସିକ ଶାନ୍ତି, ବନ୍ଧୁପ୍ରିୟ ହେବେ, ଆର୍ଥିକ ଉନ୍ନତି, ପାରିବାରିକ ଶାନ୍ତି, ଶତ୍ରୁତାର ଅବସାନ, କଳା ସାହିତ୍ୟରେ ଉନ୍ନତି, ବ୍ୟୟବରାଦ କରିବେ, ମଧ୍ୟସ୍ଥତା କରନ୍ତୁ ନାହିଁ, ଠକାମିରେ ପଡିପାରନ୍ତି। ସେବା ମନୋବୃତ୍ତିରୁ ପ୍ରଶଂସା।

## ପାଠକୀୟ

❖ସଂସ୍କୃତିର ଦେଶ ଭାରତରେ ଏମିତି ବି କିଛି ସ୍ଥାନ ଅଛି, ଯେଉଁଠି ଧର୍ମ ଓ ରୀତିନୀତି ନାଁରେ ଏଭଳି ପରମ୍ପରା ପାଳନ କରାହୁଏ, ଯାହା ଲାଗେ ଖୁବ୍ ଅଜବ। ଅଜବ ହେଲେ ବି ଏଥିରେ ଭରି ରହିଥାଏ ଲୋକମାନଙ୍କର ବିଶ୍ୱାସ ଓ ଧାର୍ମିକ ଭାବନା, ଯାହାକୁ ଭାଙ୍ଗିବା ସହଜ ନୁହେଁ। ସେମିତି କିଛି ଅଜବ ପରମ୍ପରାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ମୋ ମନ କିଣିନେଲା। 'କ'ଣ କୁହେ ଆପଣଙ୍କ ବଡ଼ି ଲାଙ୍ଗୁଏଜ୍' ଓ 'ମ୍ୟୁଜିୟମ ଅଫ୍ ଇଲ୍ୟୁଜନ୍' ଆଦି ପାଠ ପଠନଯୋଗ୍ୟ ହୋଇପାରିଥିଲା।

**–ରାକେଶ ବରାଳ, ସାତଶଙ୍ଖ, ପୁରୀ**

❖ଏଥର ପ୍ରଚ୍ଛଦ ପ୍ରସଙ୍ଗ 'ଅଜବ ପରମ୍ପରା' ପାଠଟିରୁ ଅନେକ ଅଜଣା କଥା ଜାଣିବାକୁ ମିଳିଲା। 'ଗାନ୍ଧିଜୀଙ୍କ ପ୍ରିୟ' ପାଠଟିରୁ ଜାତିର ପିତା ମହାତ୍ମାଗାନ୍ଧୀଙ୍କୁ କ'ଣ ସବୁ ଭଲ ଲାଗେ ତାହା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଲେଖକ ଆଷ୍ଟୋଇନ୍ ରୋଜରଙ୍କ ଜୀବନୀ ବିଷୟରେ ନୂଆ ନୂଆ କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାଟି ବି ବେଶ୍ ମନଛୁଆଁ ହୋଇପାରିଥିଲା।

**–ସାଗରିକା ପଟ୍ଟନାୟକ, ଧର୍ମଶାଳା, ଯାଜପୁର**

❖ସିନେମା ପୃଷ୍ଠାରେ ସ୍ଥାନିତ 'କପିଲଙ୍କ ସଜବାଜ', 'ହଣ୍ଡ୍ରେଡ ପରସେଣ୍ଟ ଲଭ୍', 'ଏଥର ବାୟୋପିକ୍' ଆଦି ପାଠ ବେଶ୍ ସୁନ୍ଦରଭାବେ ଉପସ୍ଥାପନା କରାଯାଇଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ଅବସରପ୍ରାପ୍ତ ପ୍ରଫେସର ତଥା ଲେଖିକା ଡ.ସଂଘମିତ୍ରା ମିଶ୍ରଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନକୁ ବେଶ୍ ପାଇଥିଲା। ଟ୍ରେଣ୍ଡି ପ୍ୟାଣ୍ଟସ୍ ପାଠଟିରୁ ଅନେକ କିଛି ଶିଖିବାକୁ ମିଳିଲା।

**–ମୀନା ବେହେରା, ନାଗବାଲି ବଜାର, କଟକ**

❖ମଡେଲ ପୂଜା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର ହୋଇପାରୁଛି। ସେହିପରି ସହର ପୃଷ୍ଠାରୁ 'ବାନେରଘାଟ ରାଷ୍ଟ୍ରୀୟ ଉଦ୍ୟାନ' ସମ୍ପର୍କରେ ଅନେକ ଅଜଣା କଥା ଜାଣି ଖୁସି ଲାଗିଲା। କାର୍ଟୁନ କର୍ନର ବି ମୋତେ ବହୁତ ହସାଇଲା।

**–ସତ୍ୟବ୍ରତ ଷଡ଼ଙ୍ଗୀ, ଭବାନିପାଟଣା**

❖ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ଛୋଟ ଛୋଟ କିନ୍ତୁ ଖୁବ୍ ମଜାଦାର ପାଠଗୁଡ଼ିକ ପଢ଼ିବାକୁ ମିଳୁଥିବାରୁ ଆପଣଙ୍କୁ ଧନ୍ୟବାଦ। ସେହିପରି ଯାତ୍ରା ପୃଷ୍ଠାରୁ ଯାତ୍ରାଜଗତ ସମ୍ପର୍କରେ ବହୁ ଅକୁହା କଥା ଜାଣିବାକୁ ମିଳୁଛି। ସତ କହିବାକୁ ଗଲେ ଛୁଟିଦିନଟି ମୋ ମନ କିଣି ନେଇଛି।

**–ବଦ୍ରିନାରାୟଣ ମହାନ୍ତି, ଅଠରନଳା, ପୁରୀ**

## ସୁଉଚ୍ଚ ଦୁର୍ଗାମୂର୍ତ୍ତି



ସିଂହବାହିନୀ ମା' ଦୁର୍ଗାଙ୍କ ଆଗମନ ଲାଗି ଗାଁଠାରୁ ସହର ଏବେ ଉତ୍ସବ ମୁଖର। ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରିବା ପାଇଁ ସମସ୍ତେ ପ୍ରସ୍ତୁତି ଚଳାଇଛନ୍ତି। ବିଭିନ୍ନ ସଂସ୍ଥା, କ୍ଲବ୍ ତରଫରୁ ସୁନା ଏବଂ ଚାନ୍ଦିମେଢ଼ ନିର୍ମାଣ କରାଯାଉଥିବା ବେଳେ କେହି କେହି ସ୍ୱତନ୍ତ୍ର ଥିମ୍‌କୁ ନେଇ ମୂର୍ତ୍ତି ନିର୍ମାଣ କରିଥାନ୍ତି। ଠିକ୍ ସେହିପରି ଗୁଆହାଟୀର ବିଷ୍ଣୁପୁର ସାର୍ବଜନୀନ ପୂଜା କମିଟି ତରଫରୁ ଗତବର୍ଷ ୧୦୧ ଫୁଟ ଉଚ୍ଚତା ବିଶିଷ୍ଟ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ କରାଯାଇଥିଲା। ରେକର୍ଡ କରିବା ଆଶା ନେଇ ପ୍ରସ୍ତୁତ କରାଯାଇଥିବା ଏହି ସୁଉଚ୍ଚ ମୂର୍ତ୍ତିକୁ ନିର୍ମାଣ କରିଥିଲେ ସେଠାକାର ପ୍ରସିଦ୍ଧ ମୂର୍ତ୍ତିକାର ନୁରୁଦ୍ଦିନ ଅହମ୍ମଦ। ୫୦୦୦ ବାଉଁଶରେ ନିର୍ମିତ ଏହି ମୂର୍ତ୍ତି ନିର୍ମାଣ କରିବା ପାଇଁ ଅହମ୍ମଦ ଏବଂ ତାଙ୍କ କାରିଗରଙ୍କୁ ୨ ମାସ ସମୟ ଲାଗିବା ସହ ଏଥିରେ ଖର୍ଚ୍ଚ ହୋଇଥିଲା ପ୍ରାୟ ୧୫ ଲକ୍ଷ ଟଙ୍କା।



## ବିଶେଷ ଚିଠି



ଧରିତ୍ରୀ ଛୁଟିଦିନ, ନାମ ହିଁ ନିଆରା
ତା'ବିନା ପ୍ରତି ରବିବାର ଲାଗେ ଅଧୁରା।
ପ୍ରଚ୍ଛଦ ପୃଷ୍ଠାର ନୂଆ କାହାଣୀ
ମନ ସମସ୍ତଙ୍କର ନିଅଇ କିଣି।
ତା'ସହ ବ୍ୟକ୍ତିତ୍ୱ, ବ୍ୟାକ୍‌ପେଜ୍
ଓ ସାଥୀର ଉତ୍ତର
ମୋତେ ଲାଗେ ଅତି ରୁଚିକର।

**–ବିନୋଦ ବିହାରୀ ବେହେରା, ଗୋଶାଳା ରୋଡ୍, ନୂଆବଜାର, କଟକ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ମହାଦେବୀ

**ପୁଣି ଥରେ ପୃଥିବୀ ପୃଷ୍ଠରେ ମା'ଙ୍କର ସାମ୍ବତ୍ସରିକ ପୂଜାର୍ଚ୍ଚନା। ମଙ୍ଗଳ କାମନାରେ ଶତମୁଖ ମଣିଷ ତ ମଙ୍ଗଳ ଯାଚନାରେ ସହସ୍ର ହସ୍ତ ଦେବୀ। ତଥାପି ଚାରିଆଡ଼େ କାହିଁକି ଖାଁ ଖାଁ ଶୂନ୍ୟତା (!) ଯାହାର ପ୍ରତିଫଳନ ଗଳ୍ପରେ, କବିତାରେ, ନୁଖୁରା ମଣିଷର ନେଞ୍ଜରା ଭର୍ତ୍ତି ଆଖିରେ। ହେ ଦେବି! ହେ ମହାମାୟା ଜଗଦମ୍ବା!! ଏ ପ୍ରଶ୍ନ ପାଇଁ ତମେ କ'ଣ ନୁହଁ ଉତ୍ତରଦାୟୀ...**

ଲହଲହ ଜିହ୍ୱା ମାଗୋ ଘୋର ଦନ୍ତ ପାଟି
ନମୋ ଆଦିମାତା ତୁହି ବିଜେ ସିଂହ ପିଠି।
କାତି ଯେ ଖପର ମାଗୋ ଶୋହେ ବାମକର
ଶଙ୍ଖ ଚକ୍ର ଗଦା ମାଗୋ ଆୟୁଧ ତୋହର ॥

**– ସାରଳା ଦାସ**

ଆହେ ମହାମାୟା !
(ଇଏ କି ତୁମ ମାୟା)
ଅଥବା ବ୍ୟବସାୟ
ମହିଷାସୁରେ ଭୁଲି ହୋଇଛ
ଶୀତଳ ରଣେ ଠିଆ
ଦେବୀ ; ହାୟ ! ହାୟ !

**– ସଚ୍ଚିଦାନନ୍ଦ ରାଉତରାୟ**

ଅମୃତକୁମ୍ଭ ଆଡ଼େଇ ନେଇ
ସହସ୍ର ନାମ ତୋର ପାସୋରି
ଗୋଟିଏ ନାମ ଇ ଘୋଷୁଛି :
ମୋହିନୀ... ମୋହିନୀ... ମୋହିନୀ...
ତ୍ରାହି ମାମ୍ !

**– ରାଜେନ୍ଦ୍ର କିଶୋର ପଣ୍ଡା**

କଳାଘୁମର ଆକାଶ ତଳେ
ବେଣୀ ମୁକୁଳେଇ ତୁ' ବୁଲୁଥାଉ
ଏକା ମୁଁ ହାତ ପାତିଲେ
ଦେବୀ ! ତୁ ଡେଇଁପଡୁ
ତୁ ମୋର କଞ୍ଚନ ଫୁଲ,
ଗହନ ବନରେ ଫୁଟିଥାଉ ॥

**– ହୃଷୀକେଶ ମଲ୍ଲିକ**

କାଳ ରୂପା ମହାକାଳୀ ସତ୍ୟ ସନାତନୀ
ଯୋଡ଼ିଦେ ମା' କଟାମୁଣ୍ଡ କବନ୍ଧ ଏ ସମୟର
ଯେ କୌଣସି ମୁଖାଟିଏ ଧରି
ସେ ଯିବ ତୋ ସନ୍ତାନ ତତେ ଅନୁସରି
ପଦାଘାତ କର ଅବା ପ୍ରୀତି ହୁଅ ସଙ୍କୁଚିତ
ଦେବୀ ଶାକମ୍ବରୀ !

**– ହରିହର ମିଶ୍ର**

ଆଜି ବି ନିଶାର୍ଦ୍ଧର କେଉଁ ଏକ କ୍ଷୁଧିତ କ୍ଷଣରେ
ମୋ ଛାତିରେ ଉଲଙ୍ଗ ରୂପରେ ଠିଆ ହେଇ
ଘୁଙ୍ଗୁର ବଜାଅ ତୁମେ
ତୁମ ଆଲିଙ୍ଗନ ଓ ଆଶ୍ଲେଷର
ସପ୍ତଫେଣୀର ଆଘାତରେ
ବାରମ୍ବାର ଜନ୍ମମୃତ୍ୟୁ ଘଟୁଥାଏ ମୋର
ତେଣୁ ମୁଁ ତୁମ ସହ ଯୁଦ୍ଧରେ ନଥିଲି ଦେବୀ
ଥିଲି ମୁଁ ପ୍ରେମରେ/ସବୁ ପ୍ରେମିକମାନଙ୍କ ପରି
ପ୍ରତାରଣା ହିଁ ଥିଲା ମୋର ପ୍ରାପ୍ତି ହିଁ କେବଳ।

**– ସୁରେନ୍ଦ୍ର ପାଣିଗ୍ରାହୀ**

ଭାବନାର ଦରିଆରେ
ପହଁରି ପହଁରି 'କବି'
ଲେଖି ପାରେନା ସଫଳ କବିତା,
ଦେବୀ ପାଦରେ ତଡ଼ିତ୍/ମୋହ, ସମ୍ମୋହ,
ମୋକ୍ଷ, ମହାମୋକ୍ଷ
ଅପହଞ୍ଚ ମହାଶୂନ୍ୟର ସୀମା ସରହଦ ॥

**– ରାଜକିଶୋର ଦାସ**

ଅସୁର ମାରିବା ପ୍ରସଙ୍ଗ
ଯେତେ ବଡ଼ ନୁହେଁ,
ବଡ଼କଥା ହେଉଛି
ଲଙ୍ଗଳା ହେଲେ ଯାଇ ଅସୁର ମରିବ
ଏପରି ଜିଦ୍ ମହାକାଳର ନା
ଖୋଦ ଅଜଗରୀ କୂଟ – କପଟର !

**– ପୀତାମ୍ବର ତରାଇ**

କମୁନି କନ୍ୟାଭ୍ରୂଣ ହତ୍ୟା! ଆଜି ବି ଅଳିଆ, ଆବର୍ଜନା, ପରିତ୍ୟକ୍ତ ସ୍ଥାନରୁ ଶୁଭୁଛି କଅଁଳ ଶିଶୁକନ୍ୟାର କରୁଣ କ୍ରନ୍ଦନ। ହେଲେ ସେହି ଝିଅ ବାରବାର ପ୍ରମାଣିତ କରିଆସିଛି, ସେ ନୁହେଁ କାହାଠାରୁ କମ୍...

# ଝିଅ ନୁହେଁ ହୀରା


ସିରିଶା



ସୁକନ୍ୟା

କମୁନି କନ୍ୟାଭ୍ରୂଣ ହତ୍ୟା। ଆଜି ବି ଅଳିଆ, ଆବର୍ଜନା, ପରିତ୍ୟକ୍ତ ସ୍ଥାନରୁ ଶୁଭୁଛି କଅଁଳ ଶିଶୁକନ୍ୟାର କରୁଣ କ୍ରନ୍ଦନ। ହେଲେ ସେହି ଝିଅ ବାରବାର ପ୍ରମାଣିତ କରିଆସିଛି, ସେ ନୁହେଁ କାହାଠାରୁ କମ୍। ସେ ଘର ସମ୍ଭାଳି ପାରେ, ଦେଶ ବି। ରୋଷେଇ କରି ପାରେ, ଆଉ ମହାକାଶକୁ ବି ଯାଇପାରେ। ପୁଅପରି ମା'ବାପାଙ୍କ ସାହାରା ମଧ୍ୟ ପାଲଟି ପାରେ। କେହିକେହି ତ ଦୁନିଆର ଭିଡ ଭିତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ମା'ବାପାଙ୍କୁ ଦିଅନ୍ତି ନୂଆ ଏକ ପରିଚୟ। ଠିକ୍ ଯେମିତି ଏଇ ଝିଅମାନେ। ଯାହାଙ୍କୁ ଏବେ ସମାଜ କହୁଛି ଝିଅ ନୁହେଁ ହୀରା...।

## ରୋଷେୟା ମା'ଙ୍କ ଝିଅ, ଭଲିବଲ ତାରକା

ସିରିଶା କାରାମୀ। ଜଣେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଭଲିବଲ୍ ଖେଳାଳି। ରୁହନ୍ତି ମାଲକାନଗିରି ଜିଲାର ପଡିଆ ଗାଁରେ। ମା' ଚିଲାମା କାଳିମେଳା ଆଶ୍ରମ ବିଦ୍ୟାଳୟରେ ରୋଷେୟା ଭାବେ କାମ କରନ୍ତି। ଛୋଟବେଳୁ ସିରିଶାଙ୍କ ବାପା ମା'ଙ୍କୁ ଛାଡି ଚାଲି ଯାଇଥିଲେ। ସେବେଠୁଁ ଦୁଇ ଝିଅଙ୍କ ଦାୟିତ୍ୱ ତାଙ୍କ ମା' ଏକୁଟିଆ ବହନ କରିଛନ୍ତି। ସମାଜରେ ଜଣେ ଏକାକିନୀ ମା' ଦୁଇ ଝିଅଙ୍କୁ ନେଇ ଚଳିବା କେତେ ଯେ, କଷ୍ଟ ତାହା କହିବା ବାହୁଲ୍ୟ। ତଥାପି ସେ ହାରି ଯାଇ ନ ଥିଲେ। ନିଜେ ଖଟି ପିଲାଙ୍କର ସବୁ ଅଭାବ ଦୂର କରିଛନ୍ତି। ଆଉ ତାରି ଫଳସ୍ୱରୂପ ବଡ଼ ଝିଅ ସିରିଶା ହୋଇପାରିଛନ୍ତି ଜଣେ ଭଲିବଲ ତାରକା, ଯାହାଙ୍କ ପାଇଁ ଏବେ ସାରା ଓଡିଶା ଗର୍ବିତ।

ସିରିଶା କହନ୍ତି, 'ଛୋଟବେଳୁ ବାପା ଆମକୁ ଛାଡି ଚାଲି ଯାଇଛନ୍ତି। ତାଙ୍କ ମୁହଁ ବି ଆଉ ମନେ ନାହିଁ। ମା' ଏକୁଟିଆ ଆମକୁ ବଡ କରିଛନ୍ତି। ଅନେକ ଅଭାବ ଅସୁବିଧା ଭିତରେ କଟିଛି ଆମର ଦିନ ସବୁ। ରୋଷେଇ କରିବା ସହ ମୂଲ ମଜୁରି ଲାଗି ସେ ଆମକୁ ପାଳିଛନ୍ତି। ମୋର ଛୋଟବେଳୁ ଖେଳାଖେଳିରେ ଆଗ୍ରହ ଥିଲା। ସ୍କୁଲରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିଲି। ଆମ ସିନିୟର ଝିଅମାନେ ଯେତେବେଳେ ଭଲିବଲ ଖେଳୁଥିଲେ ତାଙ୍କୁ ଦେଖି କାହିଁକି କେଜାଣି ମୋ ମନ ବ୍ୟାକୁଳ ହୋଇଯାଉଥିଲା। ଧୀରେ ଧୀରେ ସେଇ ଖେଳ ପ୍ରତି ମୋର ଦୁର୍ବଳତା ଆସିଗଲା। ଆଉ ସପ୍ତମ ଶ୍ରେଣୀରୁ ଏହି ଖେଳ ଖେଳିବା ଆରମ୍ଭ କଲି। ଭଲ ଖେଳିବାରୁ ସ୍କୁଲ ସାର୍ ପ୍ରେରଣା ଦେଲେ ଓ ଉତ୍ସାହିତ କଲେ ଏହି ଖେଳରେ ଆଗେଇବା ପାଇଁ। ମାଲକାନଗିରି ଜିଲା ସ୍ପୋର୍ଟସ୍ ହଷ୍ଟେଲରୁ ଅଧିକାରୀମାନେ ସ୍କୁଲକୁ ଆସି ଆମକୁ ଭଲିବଲ୍ ଖେଳିବା ପାଇଁ ସିଲେକ୍ଟ କରିଥିଲେ। ପରେ ମାଲକାନଗିରି ଜିଲା ଷ୍ଟାଡିୟମ୍‌କୁ ଯାଇ ଅଭ୍ୟାସ କଲି। ମନରେ ଥିଲା ଅନେକ ଆଶା। ଭଲ ଖେଳି ନିଜ ଅଞ୍ଚଳ, ନିଜ ରାଜ୍ୟ ଓ ଦେଶର ନାଁ ରଖିବି। ଆଉ ମା'ର ଦୁଃଖ ଦୂର କରିବି। ଆମ ଜିଲାରେ ଏହି ଖେଳ ପାଇଁ କୌଣସି ସୁବିଧା ନାହିଁ। ଏମିତି କି ସରକାରଙ୍କ ତରଫରୁ କୌଣସି ହଷ୍ଟେଲ ବି କରାଯାଇ ନାହିଁ। ଆମେ ମେସ୍ କରି ରହି ଅଭ୍ୟାସ୍ କରୁଥିଲୁ। ନିଜ ପ୍ରଚେଷ୍ଟା ଓ କୋଚ୍‌ଙ୍କ ସାହାଯ୍ୟ ଯୋଗୁ ପ୍ରଥମେ ଜିଲା ସ୍ତର, ପରେ ରାଜ୍ୟ ଓ ତା'ପରେ ଅନ୍ତର୍ଜାତୀୟ ସ୍ତରରେ ଖେଳିବାର ସୁଯୋଗ ପାଇଲି। ୧୨ଟି ରାଜ୍ୟରେ ମୁଁ ଓଡିଶାର ପ୍ରତିନିଧିତ୍ୱ କରିଛି। ୨୦୧୩ରୁ ମୁଁ ଭାରତୀୟ ଭଲିବଲ୍ ଦଳରେ ଖେଳିଲି। ୧୪ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛି। ଆଉ ମୁଁ ଖେଳିବା ସମୟରେ ଟିମ୍ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ପହଞ୍ଚିଥିଲା। ଟିମ୍‌ରେ ଭଲ ପ୍ରଦର୍ଶନ ପାଇଁ ଅନେକ ପୁରସ୍କାର ମିଳିଛି। ଏମିତି କି କ୍ରିକେଟ୍ ଲିଜେଣ୍ଡ ସଚିନ୍ ତେନ୍ଦୁଲକର୍ ଟୁଇଟ୍ କରି ମୋତେ ଶୁଭେଚ୍ଛା ଜଣାଇଥିଲେ। ଏହି ଟୁଇଟ୍‌ର ଖବର ସେତେବେଳେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଟୁଇଟ୍‌ଟି ଏପରି ଥିଲା-Sirisha's dream to help her mother, village, state & the nation through sport is inspiring. We're proud of you! #playitHERway #DayoftheGirl pic.twitter.com/wzC7weOHwW— sachin tendulkar (@sachin_rt) October 10, 2017

ଏ ଟୁଇଟ ସମ୍ପର୍କରେ କିନ୍ତୁ ମୁଁ କିଛି ଜାଣି ନ ଥିଲି। ଅନେକ ଲୋକ ଆସି ମୋତେ ଏ ସମ୍ପର୍କରେ କହିଥିଲେ। ପରେ ଗଣମାଧ୍ୟମରେ ବି ଏହି ଖବର ଛାଇ ଯାଇଥିଲା। ହେଲେ ସେତେବେଳେ ଆମର ମୋବାଇଲ୍ ନ ଥିବାରୁ ତାଙ୍କୁ ଟୁଇଟ୍‌ର ରିପ୍ଲାଏ ଦେଇ ପାରି ନ ଥିଲି। ଅନେକ ଶୁଭେଚ୍ଛା, ପୁରସ୍କାର ମିଳିଛି ସତ, ହେଲେ ଆଜିଯାଏଁ ସରକାରଙ୍କ ତରଫରୁ କୌଣସି ସହାୟତା ମିଳିନି। ଯଦ୍ୱାରା ଖେଳିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଘରେ ପୁରସ୍କାର ମାଳ ମାଳ। ହେଲେ ଘରର ଅବସ୍ଥାକୁ ସୁଧାରି ପାରିନି। ତଥାପି ଖେଳ ଜାରି ରଖିଛି। ଆଉ ଭଲ ଖେଳିବାକୁ ପ୍ରୟାସ କରୁଛି। ତା'ସହ ପାଠପଢା ବି ଜାରି ରହିଛି। ଯୁକ୍ତ ଦୁଇରେ ପଢୁଛି। ଏତେ ଅଭାବ ସତ୍ତ୍ୱେ ମା' ମତେ କେବେ ବି ଖେଳ ବନ୍ଦ କରିବାକୁ କହି ନାହାନ୍ତି।

## ସାଇକେଲ ମେକାନିକ୍‌ଙ୍କ ଝିଅ ହେଲେ ଓଏଏସ୍

ଗରିବ ଆଦିବାସୀ ସମ୍ପ୍ରଦାୟର ଝିଅ ରଶ୍ମିରେଖା। ବାପା ସାଇକେଲ ମରାମତି କରି ପରିବାର ଚଳାନ୍ତି। ସାଧାରଣତଃ ଏହି ସମ୍ପ୍ରଦାୟର ଝିଅମାନେ କମ୍ ବୟସରୁ ପଢାରେ ଡୋରି ବାନ୍ଧି ବାହା ହୋଇ ଘର ସଂସାର କରନ୍ତି। ହେଲେ ରଶ୍ମି ଏହି ସମ୍ପ୍ରଦାୟର ଝିଅ ହୋଇ ବି ଆଜି ହୋଇପାରିଛନ୍ତି ଜଣେ ପ୍ରଶାସନିକ ଅଧିକାରୀ।୨୦୧୫ରେ ଓପିଏସ୍‌ସି ପରୀକ୍ଷା ଦେଇ ଗୋଟିଏ ଥରରେ ଉତ୍ତୀର୍ଣ୍ଣ ହେଲେ। ଆଉ ୨୦୧୭ରୁ ନିଆଳିରେ ଅତିରିକ୍ତ ତହସିଲଦାର ପଦବୀରେ ଟ୍ରେନିଂ ନେଉଛନ୍ତି। ତେବେ ଏହି ସଫଳତାର ସବୁ ଶ୍ରେୟ ସେ ନିଜ ମା'ବାପାଙ୍କୁ ଦିଅନ୍ତି।

କେନ୍ଦୁଝର ଜିଲା ପୁରୁଣା ସହରର ରଶ୍ମିରେଖା ଅମାନ୍ତ ହେଉଛନ୍ତି ମା'ବାପାଙ୍କର ଏକମାତ୍ର ସନ୍ତାନ। ବାପା ବାବାଜୀ ଚରଣ ଅମାନ୍ତ ଆଦୌ ପାଠ ପଢି ନ ଥିବାବେଳେ ମା' ପଢିଛନ୍ତି ଦଶମ ପର୍ଯ୍ୟନ୍ତ। ସାଇକେଲ ମରାମତି କରି ପରିବାର ଚଳାନ୍ତି ତାଙ୍କ ବାପା। ଅଭାବ ଅନଟନ ସବୁବେଳେ ଲାଗି ରହିଥାଏ। ରଶ୍ମିରେଖା କହନ୍ତି, 'ଅଭାବ ଅସୁବିଧାରେ ମା'ବାପା





ମା' ବାପାଙ୍କ ସହ ରଶ୍ମି



ପେଷି ହୋଇଛନ୍ତି ସିନା ମତେ କେବେ ଅଭାବ କ'ଣ ଜଣେଇ ଦେଇ ନାହାନ୍ତି। ପୂର୍ବରୁ ୨ପୁଅ ଓ ଗୋଟିଏ ଝିଅକୁ ହରାଇଥିଲେ ସେମାନେ। ସେମାନଙ୍କ ଚାଲି ଯିବାର ଦୁଃଖରେ ବିତିଯାଇଥିଲା ଅନେକ ବର୍ଷ। ଦୀର୍ଘ ୮ ବର୍ଷ ପରେ ମୁଁ ଜନ୍ମ ହୋଇଥିଲି। ଦୁଃଖ ଦୂରକରିବା ପାଇଁ ଭଗବାନ ମତେ ଉପହାର ସ୍ୱରୂପ ଦେଇଛନ୍ତି ବୋଲି ଭାବି ମତେ ଠାକୁରଙ୍କୁ ସମର୍ପି ଦେଇଥିଲେ। ଖୁବ୍ ଆଦର ଯତ୍ନରେ ମତେ ବଢେଇଛନ୍ତି। କହିବାକୁ ଗଲେ ମତେ ଆଖି ପଲକରେ ରଖିଥିଲେ। ପାଠପଢା, ପିନ୍ଧାପିନ୍ଧିରେ କେବେ ଅଭାବ ରଖି ନ ନାହାନ୍ତି। ନିଜେ ନ ଖାଇ ମୋତେ ଖୁଆଇଛନ୍ତି, ନିଜେ ନ ପିନ୍ଧି ମୋତେ ଭଲ ପିନ୍ଧିବାକୁ ଦେଇଛନ୍ତି। ତାଙ୍କ ଆଖିରେ ମୋତେ ନେଇ ରହିଥିଲା ଅନେକ ସ୍ୱପ୍ନ। ଝିଅ ପଢିବ, ବଡ ଚାକିରି କରିବ। ଘରର ନାଁ ରଖିବ। ସେଥିପାଇଁ ଦିନରାତି ପରିଶ୍ରମ କରି ମୋର ଇଚ୍ଛା ମୁତାବକ ପଢାଇଥିଲେ। ଯଦିଓ ଛୋଟବେଳେ ତାଙ୍କ ତ୍ୟାଗକୁ ମୁଁ ବୁଝି ପାରୁ ନ ଥିଲି। ହେଲେ ସମୟ ଗଡିବା ସହ ବୁଝିପାରିଥିଲି। ଆମ ପରିବାରରେ ପୂର୍ବରୁ ବିଶେଷ କେହି ପଢି ନ ଥିଲେ। ଜେଜେବାପା ତ ଜଙ୍ଗଲରୁ କାଠ ଆଣି ଚଳୁଥିଲେ। ସେଥିପାଇଁ ବାପାଙ୍କ ଇଚ୍ଛା ଥିଲା ମୁଁ ପଢେ। ତେଣୁ ଛୋଟିଆ ସାଇକେଲ ଦୋକାନରେ ସାଇକେଲ ମରାମତି କରି ଯାହା ରୋଜଗାର କରୁଥିଲେ ତା'ର ବଡ଼ ଭାଗ ମୋ ପଢାରେ ଖର୍ଚ୍ଚ କରୁଥିଲେ। ବାକିରେ ଘର ଚଳାଉଥିଲେ। ଅଭାବ ଲାଗି ରହୁଥିଲା। ହେଲେ ମୋ ପଢାରେ ସେ କେବେ ଅବହେଳା କରିନାହାନ୍ତି। ଭଲ ଖାତା ବହି ଯୋଗାଇ ଦେଉଥିଲେ। ଘରେ କେହି ପଢାଇବା ପାଇଁ ନ ଥିବାରୁ ଟ୍ୟୁଶନ୍ ବି ଦେଇଥିଲେ। ଯେଉଁଠି ଭଲ ଘରର ପିଲା ସାଦା କାଗଜ କିଣି ସିଲେଇ କରି ଖାତା କରୁଥିଲେ, ମୋ ପାଇଁ ବାପା ସୁନ୍ଦର କିଣା ଖାତା ଆଣି ଦେଉଥିଲେ। ପୂଜାପର୍ବରେ ଅନ୍ୟ ପିଲାଙ୍କ ସହ ସମାନ ହେବା ପାଇଁ ଦାମୀ ନ ହେଲେ ବି ନିଜ ସକ୍ଷ ଅନୁଯାୟୀ ନୂଆ ଡ୍ରେସ୍ କିଣି ପିନ୍ଧିବାକୁ ଦେଇଛନ୍ତି। ତେଣୁ ମୋର ବି କର୍ତ୍ତବ୍ୟ ଥିଲା ସେମାନଙ୍କ ପରିଶ୍ରମ ଓ ତ୍ୟାଗର ଫଳ ତାଙ୍କୁ ପ୍ରଦାନ କରିବା। ଛୋଟବେଳୁ କଲେକ୍ଟର ହେବାର ଇଚ୍ଛା ଥିଲା। ହାଇସ୍କୁଲ(ଡି.ଏନ. ହାଇସ୍କୁଲ)ରେ ପଢିବାବେଳେ ଜାଣିଲି ଏଥିପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରିବାକୁ ହୁଏ ଓ ସ୍ୱତନ୍ତ୍ର ପରୀକ୍ଷା ଦେବାକୁ ପଡେ। ଏହାପରଠାରୁ ସେଇ ଗୋଟିଏ ସ୍ୱପ୍ନକୁ ନେଇ ଆଗେଇଲି। ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ଦୁଇ କଳା ପଢିଲି। ତାରିଣୀ ଠାକୁରାଣୀ ମହାବିଦ୍ୟାଳୟରେ ଯୁକ୍ତ ୩ ପଢିବାବେଳେ କୋଚିଂ ନ ନେଇ ପଢିଲି। ଉଦ୍ଦେଶ୍ୟ ଥିଲା ଟଙ୍କା ସଞ୍ଚୟ କରି ଗ୍ରାଜୁଏଶନ୍ ପରେ ଆଇଏଏସ୍ କୋଚିଂ ନେବା। ଗ୍ରାଜୁଏଶନ ପରେ ଭୁବନେଶ୍ୱର ଆସିଲି କୋଚିଂ ନେବା ପାଇଁ। ଆଡମିଶନ୍ ପାଇଁ ବହୁତ ଟଙ୍କା ଦରକାର ଥିଲା। ବାପାଙ୍କ ପାଖରେ ଏତେ ଟଙ୍କା ନ ଥିଲା। ସେ ଧାର ଉଧାର କରି କିସ୍ତିରେ ଫି' ଦେଲେ। ଅନ୍ୟପକ୍ଷେ ଆଦିବାସୀ ସମ୍ପ୍ରଦାୟରେ କମ୍ ବୟସରୁ ଝିଅଙ୍କୁ ବାହା କରି ଦିଆଯାଏ। ହେଲେ ବାପା ମୋ ପଢା ପାଇଁ ଏତେ ଖର୍ଚ୍ଚ କରୁଥିବାରୁ ସାହିପଡିଶା ଲୋକେ ଅନେକ କଥା କହୁଥିଲେ। ଅଯଥା ଟଙ୍କା ଖର୍ଚ୍ଚ କରୁଛ। ଝିଅ ପିଲା, ପୁଣି ଗାଁ ଗହଳିର ଝିଅ। ଛୋଟ ସ୍କୁଲରେ ପଢିଛି। ସେ କ'ଣ ପାରିବ ବୋଲି କହୁଥିଲେ। ହେଲେ ବାପାଙ୍କର ଗୋଟିଏ ନୀତି ଥିଲା 'ଲକ୍ଷ୍ୟ ସ୍ଥିର ଓ ସଂକଳ୍ପ ଦୃଢ ହେଲେ ସଫଳତା ସୁନିଶ୍ଚିତ' । ସେ ନିଶ୍ଚିତ ଥିଲେ ମୁଁ ପାରିବି। ମୋ ପଢା ପାଇଁ ଧାରକରଜରେ ବାପା ବୁଡି ସାରିଥିଲେ। ତେଣୁ ମୋର ସଫଳ ହେବା ନିହାତି ଜରୁରୀ ଥିଲା। ତେଣୁ କର ବା ମର ନୀତିରେ ପରିଶ୍ରମ କଲି। ୨୦୧୫ରେ ଓପିଏସ୍‌ସି ପରୀକ୍ଷା ଦେଲି। ଆଉ ଗୋଟିଏ ଥର ପ୍ରୟାସରେ ପ୍ରିଲିମ୍ ପାଇଗଲି। ଭଗବାନଙ୍କ ଦୟାରୁ ପରେ ସବୁ ପାହାଚରେ ଉତ୍ତୀର୍ଣ୍ଣ ହେଲି। ଫଳାଫଳ ବାହାରିବା ପରେ ଘରକୁ ଫୋନ୍ କରି କହିଲି। ସମସ୍ତେ ବହୁତ ଖୁସି ହୋଇଥିଲେ। ଏବେ ଟ୍ରେନିଭାବେ ଜଏନ୍ ହେବାର ଏକ ବର୍ଷ ବିତିଗଲାଣି। ଦରମା ଟଙ୍କାରେ ପ୍ରଥମେ ମୁଁ ମୋ ଭଙ୍ଗା ଚାଳ ଘରକୁ ପକ୍କା ଘର କରିଛି। ଧାରକରଜ ଶୁଝିଗଲାଣି। ପରିବାରର ଆର୍ଥିକ ସ୍ଥିତି ବଦଳିଛି। ତଥାପି ସ୍ୱପ୍ନ ଅଧୁରା ଅଛି। ଆଇଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିଛି।'

## ନିଜ ପରିବାର ସହ ବହୁ ପରିବାରର ସାହା ସୁମନୀ

ସେ ଭିନ୍ନକ୍ଷମ। ହେଲେ ନୁହନ୍ତି କୌଣସି ସକ୍ଷମ ବ୍ୟକ୍ତିଙ୍କଠୁ କମ୍। ପୋଲିଓଗ୍ରସ୍ତ ଦୁଇ ଗୋଡରେ ସେ ଠିଆ ହୋଇପାରନ୍ତିନି ସତ, ହେଲେ ନିଜର ତିନି ଚକିଆ ଗାଡିରେ ବସି ଘରର ଏକମାତ୍ର ରୋଜଗାରକ୍ଷମ ମଣିଷ ହୋଇଛନ୍ତି। ପୂରା ପରିବାରକୁ ଚଳାଉଛନ୍ତି। ତା'ସହ ସ୍ୱୟଂ ସହାୟକ ଗୋଷ୍ଠୀ କରି ଗାଁର ଅନେକ ପରିବାରକୁ ରୋଜଗାରକ୍ଷମ କରାଇଛନ୍ତି। ସେ ହେଉଛନ୍ତି ନୂଆପଡା ଜିଲା, କାନ୍ଦେତରା ପଞ୍ଚାୟତସ୍ଥ ମହୁଲବଟା ଗାଁର ସୁମନୀ ଶବର(୪୫)। ମା' ଚିତ୍ରି ଏବଂ ବାପା କରୁଣାକରଙ୍କର ସେ ହେଉଛନ୍ତି ଜ୍ୟେଷ୍ଠ କନ୍ୟା। ଛୋଟବେଳୁ ପୋଲିଓରେ ଆକ୍ରାନ୍ତ ହୋଇଥିଲେ। ଅତ୍ୟନ୍ତ ଗରିବ ପରିବାର ହେତୁ ମା'ବାପା ଉପଯୁକ୍ତ ଚିକିତ୍ସା ଦେଇପାରିଲେ ନାହିଁ। ଆଉ ସବୁଦିନପାଇଁ ଗୋଡ ଦୁଇଟି ହରାଇ ବସିଲେ। ହେଲେ ବଞ୍ଚିବା ଛାଡି ନ ଥିଲେ। ଗାଁ ସ୍କୁଲରେ ପଞ୍ଚମ ଶ୍ରେଣୀଯାଏ ପଢିଲେ। ତେବେ ଅର୍ଥାଭାବରୁ ପରେ ପାଠ ଛାଡିବାକୁ ପଡିଲା। ହେଲେ ସେ ହାତ ବାନ୍ଧି କାହା ଉପରେ ବୋଝ ହୋଇ ରହି ନ ଥିଲେ। ସେହି ଦିନଠାରୁ ଜେଜେମା' ଭାଜୁଥିବା ଲିଆକୁ ବିକ୍ରି କଲେ। ତା'ପରେ ସେ ନିଜେ ବି ଲିଆ ଭାଜି ବିକିଲେ। ସେଥିରୁ କିଛି ସଞ୍ଚୟ କରି ନିଜ ଖର୍ଚ୍ଚରେ ଏକ ତିନିଚକିଆ ଗାଡି କିଣିଲେ। ପରେ ନିଜେ ଏକ ଖୁଚୁରା ଦୋକାନ ଦେବାର ଇଚ୍ଛା ରଖିଲେ। ସେଥିପାଇଁ ଗାଡିରେ ନିଜେ ୧୦କି.ମି. ଦୂର ବଜାରରୁ ଆବଶ୍ୟକ ସାମଗ୍ରୀ ଆଣି ଘରେ ଦୋକାନ କଲେ। ସେଥିରୁ ବି କିଛିଟା ରୋଜଗାର ହେଲା। ତେବେ ଏହି ସମୟରେ ବାପା ତାଙ୍କର ଆରପାରିକୁ ଚାଲିଗଲେ। ବାପାଙ୍କ ଅନ୍ତେ ସେ ଘରର ବଡ଼ ପୁଅ ପରି ସବୁ ଦାୟିତ୍ୱ ବହନ କଲେ। ଭିନ୍ନକ୍ଷମ ହୋଇଥିବାରୁ ସେ ନିଜେ ବିବାହ କରିପାରି ନ ଥିଲେ। ହେଲେ ଏପଟେ ସାନ ଭାଇ ବିବାହ କରିବାର ଅଳ୍ପ କିଛି ବର୍ଷପରେ ରୋଗଗ୍ରସ୍ତ ହୋଇଗଲେ। ତାଙ୍କର ତିନିଛୁଆ। ଭାଇର ଚିକିତ୍ସା କଥା ବୁଝିବା ସହ ତା'ର ତିନି ସନ୍ତାନକୁ ବି ସୁମନୀ ନିଜ ପିଲା ଭଳି ସବୁକଥା ବୁଝିଲେ। ପରିବାରର ମୋଟ ୬ଜଣ ସଦସ୍ୟଙ୍କ ଭବିଷ୍ୟତ ଏବେ ସୁମନୀଙ୍କ ହାତରେ। ଦୋକାନରୁ ସେ ମାସିକ ୫/୧୦ହଜାର ଟଙ୍କା ରୋଜଗାର କରୁଛନ୍ତି। ଏହା ବ୍ୟତୀତ ସେ ଗାଁରେ ମା' ବସ୍ତ୍ରାୟଣୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ତା'ର ସଭାପତି ଦାୟିତ୍ୱ ତୁଲାଉଛନ୍ତି । ଏଥିରେ ପ୍ରଥମେ କିଛି ମହିଳାଙ୍କୁ ନିୟୋଜିତ କରି ଛେଳିପାଳନ କଲେ। ସେଥିରୁ ସେ ନିଜେ କିଛି ଆୟ କରିବା ସହ ନିୟୋଜିତ ମହିଳା ବି ରୋଜଗାରକ୍ଷମ ହେଲେ। କିନ୍ତୁ ୫ ବର୍ଷ ପରେ ତାକୁ ବନ୍ଦ କରିଦେଲେ। ଏବେ ଗାଁ ତଥା ଆଖପାଖ ଗାଁର କିରୋସିନ ଡିଲରଶିପ ନେଇଛନ୍ତି। ଏହି କାମରେ ୧୮ ଜଣ ମହିଳା ନିୟୋଜିତ ଅଛନ୍ତି। ଆଉ ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି। ଭିନ୍ନକ୍ଷମ ହୋଇ ବି ନିଜ ପରିବାରକୁ ଚଳାଇବା ସହ ଅନ୍ୟ ପରିବାରର ବି ସାହା ହୋଇପାରିଛନ୍ତି ସୁମନୀ।

## ବାପାଙ୍କ ପରିଚୟ ପାଲଟିଛନ୍ତି କ୍ରିକେଟ ତାରକା ସୁକନ୍ୟା

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବଡାମ୍ବିଳା ଗ୍ରାମପଞ୍ଚାୟତର ବେତା ଗ୍ରାମର କଳାକାର ପରିଡା ଓ ମା' ସ୍ୱପ୍ନା ପରିଡାଙ୍କର ଏକମାତ୍ର ଝିଅ ସୁକନ୍ୟା ପରିଡା। ଉପରେ ଦୁଇଜଣ ଭାଇ। ଗାଁ ଝିଅମାନଙ୍କ ସହ ବୋହୂଚୋରି, ପୁଚି ଖେଳିବା ସହିତ ସୁକନ୍ୟା ପିଲାଦିନେ ଗାଁ ମୁଣ୍ଡ ଖେଳପଡିଆରେ ପୁଅମାନଙ୍କ ସହ କ୍ରିକେଟ ମଧ୍ୟ ଖେଳୁଥିଲେ। କ୍ରିକେଟ୍‌ର ନିଶା ଏତେ ଥିଲା ଯେ, ସେ ଗାଁର ପ୍ରଗତି ସ୍ପୋର୍ଟିଙ୍ଗ କ୍ଲବର ପିଲାମାନଙ୍କ ସହ ଅନେକ ମ୍ୟାଚ ଖେଳିଥିଲେ। ଝିଅ ହୋଇ ପୁଅଙ୍କ ସହ ଖେଳୁଥିବାରୁ ଗାଁ ଲୋକେ ଅନେକ କଥା କହୁଥିଲେ। ଏସବୁ ତାଙ୍କୁ ବହୁତ କଷ୍ଟ ଦେଉଥିଲା। ହେଲେ ଯେଉଁମାନେ ଦିନେ ତାଙ୍କୁ





ପରିବାର ସହ ସୁମନୀ



ଅନେକ କଥା କହୁଥିଲେ ଆଜି ସେମାନଙ୍କ ମୁହଁରୁ ତାଙ୍କ ପାଇଁ ପ୍ରଶଂସା ବାହାରୁଛି। କାରଣ ସୁକନ୍ୟା ଏବେ ଭାରତୀୟ ମହିଳା କ୍ରିକେଟ ଦଳର ଖେଳାଳି ପାଲଟି ସାରିଛନ୍ତି। ସୁକନ୍ୟା କହନ୍ତି, 'ପିଲାଦିନେ କ୍ରିକେଟ୍ ଖେଳରେ ଆଗେଇବା ତଥା ଭଲ କୋଚିଂ ନେବାର ସୁଯୋଗ ପାଇ ନ ଥିଲି। ତେଣୁ ପାଠପଢାରେ ମନ ଦେଇଥିଲି। ତଥାପି ଚେଷ୍ଟା କରିଥିଲି ଓଡିଶା ଟିମ୍‌ରେ ଖେଳିବାକୁ, ହେଲେ ସଫଳ ହୋଇ ପାରି ନ ଥିଲି। ତେବେ ଯୁକ୍ତ ଦୁଇ ପରୀକ୍ଷା ସରିବା ପରେ ଯେବେ ମୁଁ ଛୁଟିରେ କୋଲକାତାରେ ରହି ପ୍ରାଇମେରୀ ସ୍କୁଲରେ ଶିକ୍ଷକତା କରୁଥିବା ବାପାଙ୍କ ନିକଟକୁ ଯାଇଥିଲି ପୁଣିଥରେ ଅବଦମିତ ଇଚ୍ଛା ମୋର ଉଜାଗର ହୋଇଥିଲା। ଆଉ ସେଠାକାର ଏକ ସ୍ପୋର୍ଟିଂ କ୍ଲବ୍‌ରେ ଯୋଗ ଦେଲି। କ୍ରିକେଟ୍ ଖେଳିବା ପୁଣି ଆରମ୍ଭ କଲି। ପ୍ରଦର୍ଶନ ଭଲ ହେବାରୁ କୋଚ୍ ବାଧ୍ୟ କଲେ କୋଲକାତାରେ ରହି ଅଧିକ ଅଭ୍ୟାସ କରିବା ପାଇଁ। ଶେଷରେ ରାଜି ହୋଇ କୋଲକାତାରେ ବାପାଙ୍କ ପାଖରେ ରହିଲି। ଗାଁକୁ ଫେରିଲିନି। ମା' ଓ ସାନ ଭାଇ ବି ଗାଁରୁ ଚାଲି ଆସିଲେ। ଅନେକ ପରିଶ୍ରମ କଲି। ଆଉ ମତେ ବେଙ୍ଗଲ ଦଳର ୧୯ ବର୍ଷରୁ କମ୍ ଓ ୨୩ ବର୍ଷରୁ କମ୍ ଦଳରେ ଖେଳିବାର ସୁଯୋଗ ମିଳିଲା। ଏହା ପରେ ଧୀରେଧୀରେ ନିଜ ଲକ୍ଷ୍ୟ ସ୍ଥଳକୁ ଆଗେଇ ଚାଲିଲି । ଶେଷରେ ୨୦୧୬, ଅକ୍ଟୋବର ମାସରେ ଭାରତୀୟ ମହିଳା କ୍ରିକେଟ ଦଳରେ ସାମିଲ ହେଲି । ପ୍ରଥମ ମ୍ୟାଚ୍ ଭାରତୀୟ ଦଳ ପକ୍ଷରୁ ୱେଷ୍ଟଇଣ୍ଡିଜ ଦଳ ବିପକ୍ଷରେ ଖେଳିଲି । ତାହାଥିଲା ତିନିଦିନିଆ ୱାନ୍ ଡେ ଇଣ୍ଟରନ୍ୟାଶନାଲ ମ୍ୟାଚ୍। ତୃତୀୟ ତଥା ଫାଇନାଲ୍ ମ୍ୟାଚ୍‌ରେ ମୋତେ ଖେଳିବାର ସୁଯୋଗ ମିଳିଥିଲା। ଭଗବାନଙ୍କ ଦୟାରୁ ଭଲ ପ୍ରଦର୍ଶନ କରିପାରିଥିଲି। ୨୦୧୭ ଆଇସିସି ଓମେନ୍ସ କ୍ରିକେଟ୍ ୱାର୍ଲଡ୍ କପ୍ ପାଇଁ ଚୟନ ହୋଇଥିଲେ ବି ଦୁର୍ଭାଗ୍ୟବଶତଃ ହାତରେ ଆଘାତ ଲାଗିବାରୁ ବାଦ୍ ପଡିଥିଲି। ତେବେ ଚେଷ୍ଟା ଜାରି ରଖିଛି ଆଗାମୀ ୱାର୍ଲଡ କପ୍‌ରେ ଯେମିତି ଅଂଶଗ୍ରହଣ କରିବି। ମତେ ଇଷ୍ଟର୍ନ ରେଲ୍‌ୱେରେ ଚାକିରି ବି ମିଳିଛି। ଏହି ସଫଳତା ପଛରେ ମୋ ପରିବାରର ସମସ୍ତଙ୍କ ସହଯୋଗ ସବୁବେଳେ ରହିଛି। ବାପା ତ ମୋତେ ବହୁତ ପ୍ରେରଣା ଦେଇଛନ୍ତି ଓ ଉତ୍ସାହିତ କରିଛନ୍ତି। ସୁକନ୍ୟାଙ୍କ ବାପା କଳାକାର ପରିଡା କୁହନ୍ତି, ଝିଅର ସଫଳତାରେ ମୁଁ ବହୁତ ଖୁସି । ସେ ଆଜି ଯେଉଁ ସ୍ଥାନରେ ପହଞ୍ଚିଛି ମୁଁ କେବେ ବିଶ୍ୱାସ କରି ନ ଥିଲି । ହେଲେ ସେ ଓଡିଶା ଟିମ୍‌ରେ ଖେଳିଥିଲେ ଅଧିକ ଖୁସି ହୋଇଥାନ୍ତି। କିନ୍ତୁ କେନ୍ଦ୍ରାପଡା ଜିଲାର ମହିଳାମାନଙ୍କ ପାଇଁ ସେତେବେଳେ କ୍ରିକେଟ ନିମନ୍ତେ କୌଣସି ସୁବିଧା ସୁଯୋଗ ନ ଥିବାରୁ ତାହା ସମ୍ଭବ ହୋଇ ପାରି ନ ଥିଲା। ହେଲେ ସେ ଏବେ ଭାରତୀୟ ଦଳରେ ଖେଳୁଥିବାରୁ ମୁଁ ନିଜକୁ ଗର୍ବିତ ମନେକରୁଛି । ଛୋଟ ଥିଲା ବେଳେ ସେ ଆମ ନାମରେ ପରିଚିତ ଥିଲା। ହେଲେ ଏବେ ଯୁଆଡେ ଗଲେ ଆମେ ତା' ନାମରେ ପରିଚିତ ହେଉଛୁ।

## ଝାରଖଣ୍ଡ ମହିଳା କ୍ରିକେଟ ଟିମର କ୍ୟାପଟେନ ହେଲେ ରଶ୍ମି

କେନ୍ଦୁଝର ଜିଲା ବଲାଣୀ ଗ୍ରାମର ରଶ୍ମି ଗୁଡିଆ ଏବେ ପାଲଟିଛନ୍ତି ମା'ବାପାଙ୍କର ଗର୍ବ। ଅଭାବୀ ପରିବାର ହେଲେ ବି ସେ ହୋଇପାରିଛନ୍ତି ଜଣେ କ୍ରିକେଟ ତାରକା। ସେ ଝାରଖଣ୍ଡ ରାଜ୍ୟ ପାଇଁ କ୍ରିକେଟ ଖେଳିବା ସହ ସେହି ଟିମ୍‌ର ଅଧିନାୟକ ହେବାର ସୁଯୋଗ ପାଇଥିଲେ। ବାପା ନୀରଳା ଗୁଡିଆ କେତେବେଳେ କେମିତି ଛୋଟମୋଟ ବଢେଇ କାମ କରନ୍ତି। ଆଉ ମା' ପ୍ୟାରୀ ରେଲୱେ ସାଇଡିଙ୍ଗରେ ଶ୍ରମିକ ଭାବରେ କାମ କରି ଘର ଚଳାନ୍ତି। ରଶ୍ମିଙ୍କର ପିଲାଦିନୁ ଖେଳିବାରେ ଆଗ୍ରହ ଥିଲା ହେଲେ କ୍ରିକେଟ୍ ସମ୍ପର୍କରେ ନ ଥିଲା ସେତେଟା ଜ୍ଞାନ। ୨୦୧୨, ସ୍ଥାନୀୟ ବଲାଣୀ ଡିଏଭି ସ୍କୁଲରେ ୭ମ ଶ୍ରେଣୀରେ ପଢୁଥିବା ବେଳେ ତାଙ୍କର କ୍ରିକେଟ ଖେଳ ଆରମ୍ଭ ହୋଇଥିଲା । ସେତେବେଳେ ସ୍ଥାନୀୟ ଲେଡିଜ୍ କ୍ରିକେଟ୍ କୋଚିଂ ସେଣ୍ଟର ତରଫରୁ ୩୦ ଜଣ ଝିଅଙ୍କୁ ଚୟନ କରି ତାଲିମ୍ ଦିଆଯାଇଥିଲା। ତା' ମଧ୍ୟରେ ରଶ୍ମି ଥିଲେ ଅନ୍ୟତମ। ସେବେଠୁ ତାଙ୍କ କ୍ରିକେଟ୍‌ର ଯାତ୍ରା ଆରମ୍ଭ ହେଲା। ବହୁ ପରିଶ୍ରମ କରି ସେ ଓଡିଶା ଦଳରେ ସାମିଲ ହେବାକୁ ଚେଷ୍ଟା କରିଥିଲେ ହେଲେ ଓଡିଶା ଦଳରେ ତାଙ୍କର ଚୟନ ହୋଇପାରି ନ ଥିଲା। ପରେ ସେ ଝାରଖଣ୍ଡ ଚାଲିଗଲେ। ସେଠାରେ ସେ ଭଲ ବ୍ୟାଟିଂ ଓ ଉଇକେଟ୍ କିପିଂ କରିଥିଲେ। ଭଲ ପ୍ରଦର୍ଶନ ପାଇଁ ଝାରଖଣ୍ଡ ଟିମ୍ ପାଇଁ ତାଙ୍କର ଚୟନ ହୋଇଗଲା। ଆଉ ୨୦୧୩-୧୪ ଅଣ୍ଡର ୧୯ ମ୍ୟାଚ୍ କଟକରେ ଝାରଖଣ୍ଡ ଓ ଓଡିଶା ସହ ହୋଇଥିଲା। ଆଉ ସେଥିରେ ସେ ଚମତ୍କାର ବ୍ୟାଟିଂ କରି ସେଞ୍ଚୁରି କରିଥିଲେ। ଏହାପରେ ୨୦୧୪-୧୫ ରେ ଅଣ୍ଡର ୧୯ ରେ ଝାରଖଣ୍ଡ ରାଜ୍ୟ ପାଇଁ କ୍ୟାପଟେନ ଚୟନ ହୋଇଥିଲେ । ୨୦୧୬-୧୭ ରେ ପୁଣି ଅଣ୍ଡର ୧୯ ଓ ଅଣ୍ଡର ୨୩ରେ କ୍ୟାପଟେନ ଭାବରେ ଖେଳିବାକୁ ସୁଯୋଗ ପାଇଥିଲେ। ଇଷ୍ଟଜୋନ୍‌ର ଅଣ୍ଡର ୨୩ର କ୍ୟାପଟେନ୍ ବି ହୋଇଥିଲେ। ଏହାବ୍ୟତିତ ଝାରଖଣ୍ଡ ସିନିଅର ଟିମରେ ମଧ୍ୟ ଖେଳିବାକୁ ସୁଯୋଗ ପାଇଥିଲେ। ୨୦୧୪-୧୫ରେ ଜାତୀୟ କ୍ରିକେଟ କ୍ୟାମ୍ପ ପାଇଁ ମଧ୍ୟ ଚୟନ ହୋଇଥିଲେ। ଆଉ ବେଷ୍ଟ ୩୦ ଭିତରେ ରହିଥିଲେ ବୋଲି ଲେଡିଜ କ୍ରିକେଟ କୋଚିଂ ସେଣ୍ଟରର କୋଚ ଅମରେନ୍ଦ୍ର ମହାନ୍ତି କୁହନ୍ତି । ଏହାଛଡା ୨୦୧୬-୧୭ ଜାନୁୟାରୀ ମାସରେ ଗୁଂଟୁର ଠାରେ ଅନୁଷ୍ଠିତ ଇଂଟର ଜୋନାଲ ମ୍ୟାଚରେ ରାଜ୍ୟ ପାଇଁ ସେ ଚିତାକର୍ଷକ ଉଇକେଟ କିପିଂ କରିବା ସହ ୧୧୬ ରନ କରି ଚୟନକମିଟିଙ୍କ ଧ୍ୟାନ ଆକର୍ଷଣ କରି ପୂର୍ବାଂଚଳ ଜୋନ ଟିମ ପାଇଁ ଚୟନ ହୋଇଥିଲେ । ସେହିବର୍ଷ ଫେବୃୟାରୀ ୨୦ତାରିଖରୁ ମୁମ୍ବାଇ ଠାରେ ଆରମ୍ଭ ହୋଇଥିବା ଆନ୍ତଃ ଜୋନ ମ୍ୟାଚରେ ସେ ସାମିଲ ହୋଇଥିଲେ । ବର୍ତ୍ତମାନ ସେ ସିନିୟର୍ କ୍ୟାମ୍ପରେ ଜାମଶେଦପୁରରେ ଅଛନ୍ତି। ଯା ମଧ୍ୟରେ ସେ ଅନେକ ମ୍ୟାଚ୍ ଖେଳିଛନ୍ତି। ନିଜ ଗାଁ ଓ ମା'ବାପାଙ୍କର ଗୌରବ ପାଲଟିଛନ୍ତି। ହେଲେ ସୁଧୁରିପାରିନି ତାଙ୍କର ଆର୍ଥିକ ସ୍ଥିତି। ତଥାପି ସେ ଖେଳୁଛନ୍ତି।

**-ଶିବାନୀ**

**-ଦୁର୍ଯ୍ୟୋଧନ ପାତ୍ର, ନରେଶ ପଟ୍ଟନାୟକ, ଘନଶ୍ୟାମ ଭୋଇ, ବନମାଳୀ ସେନାପତି**



ରଶ୍ମିରେଖା




# ପ୍ରତୀକାତ୍ମକ ଲେଖକ


**ଚାଇନାରେ ଅତି ପରିଚିତ ଏହି ଲେଖକ ୨୦୧୨ରେ ହିଁ ବିଶ୍ୱର ପାଠକଙ୍କ ସହିତ ପରିଚିତ ହେଲେ। ତାଙ୍କର ଦୁଇଗୋଟି ଉପନ୍ୟାସ ପାଶ୍ଚାତ୍ୟ ଭାଷାରେ ଅନୁଦିତ ହେଲା। ସେହି ଦୁଇ ଉପନ୍ୟାସ ହେଲା : 'ରେଡ୍ ସରଗମ୍ ଏବଂ ସରଗମ୍ ୱାଇନ୍'। ଏହି ଦୁଇଟି ଉପନ୍ୟାସ ଯଥେଷ୍ଟ ଥିଲା ଗୁଆନ୍ ମୋୟେ ଓରଫ ମୋ ୟାନ୍‌ଙ୍କୁ ବିଶ୍ୱ ସାହିତ୍ୟରେ ପରିଚିତି ଆଣିଦେବା ପାଇଁ...**

ଗୁଆନ୍ ମୋୟେ ଓରଫ୍ ମୋ ୟାନ୍ ହେଉଛନ୍ତି ବିଶ୍ୱର ଜଣେ ବହୁ ଚର୍ଚ୍ଚିତ ତଥା ବହୁ ଆଲୋଚିତ ଲେଖକ। ମୁଖ୍ୟତଃ ସେ ଚାଇନା ଭାଷାରେ ହିଁ ଗଳ୍ପ ତଥା ଉପନ୍ୟାସ ରଚନା କରିଥାନ୍ତି। ତାଙ୍କର ଲୋକପ୍ରିୟତା ଏତେ ଯେ, ପାଠକମାନେ ତାଙ୍କୁ ପ୍ରସିଦ୍ଧ ଲେଖକ ଫ୍ରାନ୍ଜ କାଫ୍‌କାଙ୍କ ସହିତ ତୁଳନା କରିଥାନ୍ତି। କୃଷି, କୃଷକ ତଥା ସେମାନଙ୍କ ସମସ୍ୟାକୁ ନେଇ ଅନେକ ଲେଖା ଲେଖିଛନ୍ତି ସେ। ଚାଇନାରେ ଅତି ପରିଚିତ ଏହି ଲେଖକ ୨୦୧୨ରେ ହିଁ ବିଶ୍ୱର ପାଠକଙ୍କ ସହିତ ପରିଚିତ ହେଲେ। ତାଙ୍କର ଦୁଇଗୋଟି ଉପନ୍ୟାସ ପାଶ୍ଚାତ୍ୟ ଭାଷାରେ ଅନୁଦିତ ହେଲା। ସେହି ଦୁଇ ଉପନ୍ୟାସ ହେଲା : 'ରେଡ୍ ସରଗମ୍ ଏବଂ ସରଗମ୍ ୱାଇନ୍'। ଏହି ଦୁଇଟି ଉପନ୍ୟାସ ଯଥେଷ୍ଟ ଥିଲା ଗୁଆନ୍ ମୋୟେ ଓରଫ ମୋ ୟାନ୍‌ଙ୍କୁ ବିଶ୍ୱ ସାହିତ୍ୟରେ ପରିଚିତି ଆଣିଦେବା ପାଇଁ। ସେହିବର୍ଷ ଅର୍ଥାତ ୨୦୧୨ରେ ସେ ସମ୍ମାନଜନକ ନୋବେଲ ପୁରସ୍କାର ପାଇଲେ। ଆଉ କହିବା ନିଷ୍ପ୍ରୟୋଜନ ସେ ପାଲଟିଗଲେ ବିଶ୍ୱର ଜଣେ ସେଲିବ୍ରିଟି ସାହିତ୍ୟିକ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ଥିଲା ଚାଇନା ପାଇଁ ସାହିତ୍ୟରେ ପ୍ରଥମ ନୋବେଲ ପୁରସ୍କାର।

**ଜନ୍ମ ଓ ପରିବାର:** ସାନ୍‌ଡଙ୍ଗ୍ ପ୍ରଦେଶର ଗାଓମୀ କାଉଣ୍ଟି ନାମକ ଏକ ସ୍ଥାନ। ୧୯୫୫ ମସିହା ଫେବୃଆରୀ ୧୭ ତାରିଖରେ ଏଠାକାର ଡଲାନ୍ ଟାଉନ୍‌ସିପ୍‌ରେ ମୋ ୟାନ୍‌ଙ୍କ ଜନ୍ମ। ତେଣୁ 'ଡଲାନ୍ ଟାଉନ୍‌ସିପ୍' ତାଙ୍କର ଅତିପ୍ରିୟ ସ୍ଥାନ। ଆଉ ଏହାକୁ ନେଇ ସେ ଅନେକ ଗଳ୍ପ ତଥା ଉପନ୍ୟାସ ରଚନା କରିଛନ୍ତି। ଏକ କୃଷକ ପରିବାରରେ ତାଙ୍କର ଜନ୍ମ। ଜନ୍ମ ସମୟରୁ ପରିସ୍ଥିତି ତାଙ୍କ ବିପକ୍ଷରେ ଗତି କରିଥିଲା। ଏମିତି ହୋଇଥିଲା ଯେ, ସେ ପାଠପଢ଼ା ଛାଡ଼ି ଏକ ତେଲ ଫ୍ୟାକ୍ଟ୍ରିରେ ଚାକିରି କରିଥିଲେ। ପରେ ସେ 'ପିପୁଲ୍ସ ଲିବରେସନ୍ ଆର୍ମି'ରେ ଯୋଗ ଦେଇଥିଲେ। ଆଉ ଏଇଠାରୁ ହିଁ ତାଙ୍କର ଲେଖାଲେଖି ଆରମ୍ଭ ହୋଇଥିଲା।


**ପ୍ରଥମ ବହି :** ୧୯୮୧ ମସିହା ପରଠୁ ତାଙ୍କ ଜୀବନରେ ସୌଭାଗ୍ୟର ସୂର୍ଯ୍ୟୋଦୟ ହୋଇଥିଲା। ତାଙ୍କର ଦକ୍ଷତାକୁ ପରଖି ସାରିବା ପରେ ତାଙ୍କୁ 'ପିପୁଲ୍ସ ଲିବରେସନ୍ ଆର୍ମି' ଏକାଡେମୀର ଆର୍ଟ ଆଣ୍ଡ ଲିଟରେଚର ବିଭାଗରେ ନିଯୁକ୍ତି ଦିଆଗଲା। ତାଙ୍କର କାମ ଥିଲା ବିଭିନ୍ନ ଘଟଣା ଉପରେ ଲେଖିବା। ଫଳରେ ସେ ନିରବଚ୍ଛିନ୍ନ ଭାବରେ ଲେଖିବାକୁ ସୁଯୋଗ ପାଇଲେ। ସେତିକିନୁହେଁ ଲେଖିବା ପାଇଁ ତାଙ୍କୁ ପ୍ରଚୁର ପଢ଼ିବା ପାଇଁ ହେଉଥିଲା। ଫଳତଃ ତାଙ୍କ ଭାବନାର ଦିଗ ସମ୍ପ୍ରସାରିତ ହେଲା। ଆଉ ଏଠାରେ ହିଁ ସେ ଆରମ୍ଭ କରିଥିଲେ ତାଙ୍କର ପ୍ରଥମ ଉପନ୍ୟାସିକା ବା ନଭେଲା 'ଏ ଟ୍ରାନ୍ସପରେଣ୍ଟ ରେଡିଶ୍'। ଏହା ୧୯୮୪ ମସିହାରେ ପ୍ରକାଶିତ ହୋଇଥିଲା। ଏହା ଥିଲା ତାଙ୍କ ଜୀବନର ପ୍ରଥମ ବହି।










**ଛଦ୍ମନାମ :** ମୋ ୟାନଙ୍କର ମୂଳନାମ ହେଉଛି ଗୁଆନ୍ ମୋୟେ। ମୋ ୟାନ ହେଉଛି ତାଙ୍କର ଛଦ୍ମନାମ। ଛଦ୍ମନାମ ରଖିବାର କାରଣ ସମ୍ପର୍କରେ ଅନେକ କଥା ଶୁଣିବାକୁ ମିଳେ। ଯେମିତିକି ଚାଇନାରେ ଲେଖକୀୟ ସ୍ୱାଧୀନତା ବିଲ୍‌କୁଲ ଶୂନ। ସେଥିଲାଗି ଲେଖକମାନେ ସରକାରୀ କଟକଣା ତଥା ନାଲିଆଖିରୁ ବର୍ତ୍ତିବା ପାଇଁ ମୁଖ୍ୟତଃ ଛଦ୍ମନାମ ବ୍ୟବହାର କରିଥାନ୍ତି। ତେଣୁ ସେ ନିଜର ନାମ ଗୁଆନ୍ ମୋୟେକୁ ଗୋପ୍ୟ କରି ମୋ ୟାନ ରଖିଥିଲେ। ଆଉ ମୋ ୟାନ ନାମଟି ହିଁ ତାଙ୍କୁ ସଫଳତା ଦେଇଥିଲା।

**ସଂସ୍କାରୀ ଲେଖକ :** ଲେଖକୀୟ ଜୀବନର ପ୍ରାରମ୍ଭରେ ମୋ ୟାନ୍ ସଂସ୍କାର ମୂଳକ ରଚନା କରୁଥିଲେ। ବସ୍ତୁତଃ ସେ ଥିଲେ ଜଣେ ସଂସ୍କାରୀ ଲେଖକ। ତାଙ୍କର ସମ୍ପୂର୍ଣ୍ଣ ଉପନ୍ୟାସ ଥିଲା 'ଫଲିଂ ରେନ୍ ଅନ୍ ଏ ସ୍ପ୍ରିଂ ନାଇଟ୍'। ଏହା ପ୍ରକାଶିତ ହୋଇ ତାଙ୍କୁ ନାହିଁ ନଥିବା ସଫଳତା ଆଣି ଦେଇଥିଲା। ତାଙ୍କର ସବୁଠାରୁ ବେଶି ଚର୍ଚ୍ଚିତ ଉପନ୍ୟାସ ହେଉଛି 'ରେଡ୍ ସରଗମ୍ କ୍ଲାନ୍'। ଏହା ସାନ୍‌ଡଙ୍ଗ୍ ନାମକ ଏକ ପରିବାରକୁ ନେଇ ରଚିତ। ଏଥିରେ କିନ୍ତୁ କମ୍ୟୁନିଷ୍ଟ ରିଭଲ୍ୟୁସନ୍ ଠୁ ଆରମ୍ଭ କରି ସାଂସ୍କୃତିକ ପରିବର୍ତ୍ତନକୁ ବେଶ ସକାରାତ୍ମକ ଦୃଷ୍ଟିରେ ଆଲୋକପାତ କରିଛନ୍ତି ଲେଖକ। ଦ୍ୱିତୀୟ ଉପନ୍ୟାସ 'ଗାର୍ଲିକ୍ ବାଲାଡ୍‌ସ୍'। ଏଥିରେ କୃଷକଙ୍କ ବିଦ୍ରୋହ ବର୍ଣ୍ଣିତ। ତୃତୀୟ ଉପନ୍ୟାସ 'ଦି ରିପବ୍ଲିକ୍ ୱାଇନ୍'। ଏହା ଏକ ପ୍ରତୀକାତ୍ମକ ଉପନ୍ୟାସ। ଏଥିରେ ନିଶା କବଳିତ ମଣିଷମାନଙ୍କ ଦୁର୍ଦ୍ଦଶା ବର୍ଣ୍ଣିତ ହୋଇଛି।



# ଶିଳ୍ପା-ସଲ୍‌ମାନ ପ୍ରେମ : କେତେ ସତ କେତେ ମିଛ



ନିଜର ଅଭିନୟ ହେଉ କି ବାସ୍ତବ ଜୀବନକୁ ନେଇ ସଲ୍ଲୁ ମିଆଁ ଓରଫ ସଲ୍‌ମାନ ଖାଁ ଅଧିକାଂଶ ସମୟ ଚର୍ଚ୍ଚାରେ ଥାଆନ୍ତି। ବଲିଉଡ୍‌ର ମୋଷ୍ଟ ଏଲିଜିବୁଲ ବ୍ୟାଚେଲର ଭାବରେ ପରିଚିତ ଏହି ଅଭିନେତାଙ୍କ ନାମ ସହ ଅନେକ ନାୟିକାଙ୍କ ନାମକୁ ଯୋଡାଯାଇଛି। ସଲ୍‌ମାନ-ଐଶ୍ୱର୍ଯ୍ୟା ପ୍ରେମ କାହାଣୀ ସେତେବେଳେ ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରିରେ ହଟଚମଟ ସୃଷ୍ଟି କରିଥିଲା। ନବେ ଦଶକରେ ସଲ୍‌ମାନ କୁଆଡେ ଶିଳ୍ପା ସେଟ୍ଟିଙ୍କ ପ୍ରେମରେ ପଡିଥିଲେ। ଶିଳ୍ପା ମଧ୍ୟ ତାଙ୍କ ପର୍ସନାଲିଟିରେ ଇମ୍ପ୍ରେସ୍ ହୋଇଥିଲେ। ଦୁହିଙ୍କ ଭିତରେ ଲୁଚାଚୋରା ପ୍ରେମ କୁଆଡେ ଫୁଲ୍ ସ୍ପିଡ୍‌ରେ ଚାଲିଥିଲା। ହେଲ ସେଭଳି କଥା କେବଳ ଆଲୋଚନା ଭିତରେ ହିଁ ରହିଯାଇଥିଲା, ତାକୁ ନେଇ ସେତେବେଳେ କେବଳ ସଲମାନ ନୁହନ୍ତି, ଶିଳ୍ପା ମଧ୍ୟ ପାଟି ଖୋଲି ନ ଥିଲେ। ନିକଟରେ ଏ ନେଇ ନିଜର ମତ ରଖିଛନ୍ତି ଶିଳ୍ପା। ସେ କହନ୍ତି, 'ସେତେବେଳେ ମୋ ସହ ସଲମାନଙ୍କ ନାମକୁ ଯୋଡ଼ାଯାଇଥିଲା। ସବୁକଥା ମୁଁ ଶୁଣିଛି। ହେଲେ ତାହାକୁ କାଉଣ୍ଟର କରି ନ ଥିଲି। କାରଣ ସେସବୁ କଥାରେ ଆଦୌ ସତ୍ୟତା ନ ଥିଲା। କାରଣ ସଲ୍‌ମାନ ଏବଂ ମୋ ଭିତରେ କେବଳ ବନ୍ଧୁତା ଥିଲା। ସେତେବେଳେ ଯାହାସବୁ ଆଲୋଚନା ହେଉଥିଲା ତାହା ଥିଲା କାଳ୍ପନିକ।'

# ଅପେକ୍ଷା ଶୁଭ ଦିନକୁ

ଦିନ ଯେତିକି ପାଖେଇ ଆସୁଛି ତାଙ୍କର ପ୍ରଶଂସକଙ୍କ ହାର୍ଟ ବିଟ୍ ବଢ଼ିଯାଉଛି। କାରଣ କେବେ ଦୁହେଁ ହାତକୁ ଦି'ହାତ ହେବେ ତାହାକୁ ନେଇ ଅନେକ ଆଲୋଚନା। ଶେଷକୁ ଶୁଣିବାକୁ ମିଳୁଛି ଯେ, ଯାହା ହେଉନା କାହିଁକି ଚଳିତବର୍ଷ ନଭେମ୍ବର ୧୯ରେ ଏହି ଯୋଡ଼ି ସତସତିକା ପତି-ପତ୍ନୀ ସାଜିବେ। ସେ ଯୋଡ଼ି ଉପରେ ଆଉ ପରଦା ପକାଇ କିଛି ଲାଭ ନାହିଁ। ସେ ଦୁହେଁ ହେଲେ ରଣବୀର ସିଂ ଏବଂ ଦୀପିକା ପାଦୁକୋନ। ଦୁହିଙ୍କ ପ୍ରେମକୁ ନେଇ ଯେତିକି ଚର୍ଚ୍ଚା ହେଉ ନ ଥିଲା ତାଙ୍କର ମ୍ୟାରେଜ୍‌କୁ ନେଇ ଅଧିକ ଆଲୋଚନା। ଯଦିଓ ଫାଇନାଲ ଡେଟ୍ ନେଇ ଉଭୟ ପରିବାର ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇନାହିଁ, ତଥାପି ଯେମିତି ହେଲେ ଏ ବର୍ଷ ନଭେମ୍ବର ୧୯ରେ ଦୁହିଙ୍କର ବାହାଘର ହେବ ବୋଲି ଜଣାପଡିଛି। ଏଥିପାଇଁ ଦୁହେଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ସେପଟେ ରଣବୀରଙ୍କ ଅଭିନୀତ 'ଶିମ୍ବା'ର ଶୁଟିଂ ଶେଷ ପର୍ଯ୍ୟାୟରେ। ଏହି ଟେନ୍‌ସନ ସରିଗଲେ କେବଳ ମ୍ୟାରେଜ୍‌ରେ ହିଁ ମନୋନିବେଶ କରିବେ ବୋଲି ତାଙ୍କର ଜଣେ ସାଙ୍ଗ ସୂଚନା ଦେଇଛନ୍ତି। ତେବେ ଏହି ଶୁଭ ଦିନ-ନଭେମ୍ବର ୧୯ କେତେ ସତ କେତେ ମିଛ ତାହା ଜାଣିବାକୁ ଆମକୁ ଅପେକ୍ଷା ହିଁ କରିବାକୁ ପଡ଼ିବ।



ରଣବୀର-ଦୀପିକା

# ଆଶା ଅନେକ...


ପ୍ରଯୋଜକ ଶ୍ରୀଧର ମାର୍ଥା। ତାଙ୍କ ଦ୍ୱାରା ପ୍ରଯୋଜିତ ପ୍ରଥମ ଚଳଚ୍ଚିତ୍ର ଥିଲା 'କଥା ଦେଲି ମଥା ଛୁଇଁ'। ପ୍ରେମଭିତ୍ତିକ ଏହି ଫିଲ୍ମରେ ଫ୍ୟାମିଲି ଡ୍ରାମା, ଆକ୍ସନ, ଇମୋଶନ ରହିଥିଲା। ତା'ପରେ ତାଙ୍କ ଦ୍ୱାରା ନିର୍ମିତ 'ଯୋଗୀ: ଦ ହାଇଭୋଲ୍‌ଟେଜ୍ ଡ୍ରାମା' ଚଳିତ ବର୍ଷ ପରଦା ଉପରକୁ ଆସିଥିଲା। ଏବେ ତାଙ୍କ ବ୍ୟାନର ରେଞ୍ଜ୍ ରୟାଲ ସିନେ ଲ୍ୟାବ୍ ଦ୍ୱାରା ପ୍ରସ୍ତୁତ 'ପାଟଣାଗଡ଼'କୁ ନେଇ ବେଶ୍ ଆଶାବାଦୀ। କାରଣ ଏକ ସତ୍ୟ ଘଟଣାକୁ ଚଳଚ୍ଚିତ୍ର ମାଧ୍ୟମରେ ରୂପାନ୍ତରିତ କରିଛନ୍ତି ସେ। ସୂଚନାଯୋଗ୍ୟ, ବଲାଙ୍ଗୀର ଜିଲା ପାଟଣାଗଡ଼ରେ ଏକ ପାର୍ସଲ ବୋମା ବିସ୍ଫୋରଣରେ କ'ଣ ଘଟିଥିଲା ତାହା ପ୍ରାୟ ସମସ୍ତେ ଜାଣନ୍ତି। ସେଭଳି ଏକ ସ୍ପର୍ଶକାତର କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା ଓଡ଼ିଆ ସିନେମାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ରାଜେଶ ଟଚ୍‌ରିଭର। ନିଜର ଏଭଳି ଆଭିମୁଖ୍ୟ ସମ୍ପର୍କରେ ଶ୍ରୀଧର କହନ୍ତି, 'ପ୍ରଥମ କଥା ହେଲା, ଏଭଳି ଏକ ସେନ୍‌ସେସନାଲ କାହାଣୀ ମୋ ହୃଦୟଙ୍କୁ ଛୁଇଁଥିଲା। ତେଣୁ ଏଭଳି ଏକ ରିସ୍କ ଉଠାଇବାକୁ ନିଷ୍ପତ୍ତି ନେଇଥିଲି। ବଜେଟ ଯାହା ହେଉ, ଦର୍ଶକଙ୍କୁ ଶତ ପ୍ରତିଶତ ପ୍ରଭାବିତ କରିପାରୁଥିବା ସିନେମାଟିଏ ନିର୍ମାଣ କରିବା ଧାରା ଜାରି ରଖିବି।' ଖାସ୍ କଥା ହେଲା, ଏହି ଫିଲ୍ମଟି କେବଳ ଓଡ଼ିଆ ନୁହେଁ, ତେଲୁଗୁ ଏବଂ ହିନ୍ଦୀ ଭାଷାରେ ନିର୍ମିତ ହେବାକୁ ଯାଉଛି। ତେବେ ଶ୍ରୀଧରଙ୍କ ଏହି ହାଇବଜେଟ ଫିଲ୍ମରେ କି ମସଲା ରହିଛି ତାହା ଚଳଚ୍ଚିତ୍ରଟି ମୁକ୍ତିଲାଭ କଲେ ହିଁ ଜଣାପଡିବ।

# ଇଶାନଙ୍କ ପ୍ରଶଂସାରେ ଜାହ୍ନବୀ



ଜାହ୍ନବୀ କପୁର ଏବଂ ଇଶାନ ଖଟ୍ଟରଙ୍କୁ କିଛି ମାସ ପୂର୍ବରୁ ରିଲିଜ୍ ହୋଇଥିବା 'ଧଡକ'ରେ ବ୍ରେକ୍ ମିଳିଥିଲା। କରନ୍ ଜୋହର ଏହି ଯୋଡିକୁ ପ୍ରଥମେ ବ୍ରେକ୍ ଦେଇଥିଲେ। ଫିଲ୍ମଟିକୁ ଆଶାନୁରୂପ ସଫଳତା ମିଳିବା ପରେ ଜାହ୍ନବୀଙ୍କ ଖୁସି କାହିଁରେ କେତେ। ତାଙ୍କ ମୁହଁରେ ଏବେ ଇଶାନଙ୍କ ପ୍ରଶଂସା। ପୁଣି ଶୁଣିବାକୁ ମିଳୁଛି ଯେ କରନ୍‌ଙ୍କ ଆଗାମୀ ଫିଲ୍ମରେ ଏହି ଯୋଡିକୁ ସେ ରିପିଟ୍ କରିବାକୁ ଯୋଜନା କରୁଛନ୍ତି। ଏ ବିଷୟରେ ଜାହ୍ନବୀ ସୂଚନା ଦେଇ କହନ୍ତି, 'କରନ୍‌ଙ୍କ ପରି ନାମୀ ପ୍ରଯୋଜକଙ୍କ ଫିଲ୍ମରେ କାମ କରିବି ତାହା ମୁଁ କେବେ କଳ୍ପନା କରି ନ ଥିଲି। ପ୍ରଥମ ଫିଲ୍ମରୁ ମୁଁ ଆକ୍ଟିଂ ବିଷୟରେ ଅନେକ କିଛି ଶିଖିଛି। ତା'ସହ ନବାଗତ ଇଶାନ ଭାରି କୋଅପରେଟିଭ୍। ତାଙ୍କ ଆକ୍ଟିଂକୁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ଆପଣମାନେ ଶୁଣୁଛନ୍ତି ଯେ ଆମ ଯୋଡିକୁ କରନ୍ ପୁଣି ଥରେ ରିପିଟ୍ କରୁଛନ୍ତି ସେକଥା ମୋ କାନରେ ମଧ୍ୟ ପଡିଛି। ହେଲେ ଯେହେତୁ ମୁଁ ଠିକ୍ ଭାବରେ କିଛି ଜାଣିନାହିଁ ତେଣୁ ସେନେଇ କିଛି କହିବି ନାହିଁ। ଯଦି ଏମିତି ହୁଏ ତେବେ ତାହା ଆମ ପାଇଁ ଭଲ ହେବ।' ତେବେ କେଉଁ ପାଣି କୁଆଡ଼େ ଯାଉଛି ତାହା ଆଗାମୀ ସମୟ ହିଁ କହିବ।

# ଧୋତି ପିନ୍ଧି ଦୌଡ଼ିଥିଲେ ସୈଫ





ସୈଫ୍- ଅଜୟ

ଶୁଟିଂ ସେଟ୍‌ରେ କଳାକାରଙ୍କ ମଧ୍ୟରେ ବେଶ୍ ଥଟ୍ଟା ତାମସା ହୋଇଥାଏ। କେହି କେହି ଅନ୍ୟଙ୍କୁ ହସେଇ ହସେଇ ବେଦମ କରିଥାଆନ୍ତି ତ ଆଉ କେତେଜଣ ଅନ୍ୟକୁ ଚିଡାଇବାକୁ, ଡରାଇବାକୁ ପସନ୍ଦ କରନ୍ତି। କିନ୍ତୁ ଏସବୁ ମୂଳରେ ମଜା ଲୁଚି ରହିଥାଏ। ୨୦୦୬ରେରିଲିଜ ହୋଇଥିବା 'ଓମ୍‌କାରା' ଶୁଟିଂ ସେଟ୍‌ରେ ଏଭଳି ଏକ ମଜାଦାର ଘଟଣା ଘଟିଥିଲା। ଏହାର କାର୍ପେଟ୍‌ଦାର ଥିଲେ ଅଜୟ ଦେବ୍‌ଗନ। ସେ ଅନ୍ୟମାନଙ୍କୁ ଛୋଟକଥାକୁ ଏପରି କହନ୍ତି ତାହା ଶୁଣି ଯେ କେହି ଡରିଯିବା ସ୍ୱାଭାବିକ। ଥରେ ଏହି ଫିଲ୍ମର ଶୁଟିଂ ଆଲ୍ଲାହାବାଦସ୍ଥିତ ପ୍ରୟାଗ ମନ୍ଦିରରେ ଚାଲିଥାଏ। ଶୁଟିଂ ବ୍ରେକ୍ ସମୟରେ ଅଜୟ ନିଜ ଟ୍ରଲି ବ୍ୟାଗ୍ ଧରି ସୈଫଙ୍କ ନିକଟରେ ପହଞ୍ଚି କହିଲେ, ଆରେ ତୁମେ କ'ଣ ଏଠି ବସିଛ ? କିଛି ଗୁଣ୍ଡା ଆମକୁ କିଡ୍‌ନାପ କରିବାର ପ୍ଲାନିଂ କରିଛନ୍ତି। ଚାଲ ପଳାଇବା। ସେତିକି ବେଳକୁ ସୈଫ ନିଜ ପଞ୍ଜାବୀ ଓହ୍ଲାଇ କେବଳ ଧୋତି ପିନ୍ଧି ବସିଥାଆନ୍ତି। 'କ'ଣ ସତରେ ? ତମେ ଜୋକ୍ କରୁନ ତ' ବୋଲି ପଚାରିଲେ ସୈଫ। ଠିକ୍ ସେତିକିବେଳକୁ ଅଜୟ 'ତମେ ଆସ କି ନ ଆସ ମୁଁ ଚାଲୁଛି କହି ନିଜ କାର ଆଡ଼କୁ ଦୌଡିଲେ। ଏହା ଦେଖି ସୈଫ ସେହି ଧୋତି ପିନ୍ଧି ନିଜ ଚୋପର ଆଡକୁ ଦୌଡିଲେ। କିଛିବାଟ ଯିବା ପରେ ଅଜୟ ଠିଆହୋଇ ଯେମିତି ହସିବାକୁ ଲାଗିଲେ, ସୈଫଙ୍କୁ ବୁଝିବାକୁ ବାକି ରହିଲାନି ଯେ ତାଙ୍କୁ ବୋକା ବନାଇବାକୁ ଅଜୟଙ୍କର ଏହା ଏକ ପ୍ଲାନିଂ ଥିଲା।

# ଆଇଟମ୍ ପାଇଁ ଟେନ୍‌ସନ



ଜ୍ୟାକ୍ଲିନ ଫର୍ନାଡିସ୍ ଦୋ'ଛକିରେ ପଡିଯାଇଛନ୍ତି। ଅଫରଟିକୁ ହାତଛଡ଼ା କରିବେ କି ସେଥିରେ ରାଜି ହେବେ ତାହା ତାଙ୍କ ଟେନ୍‌ସନ ବଢ଼ାଇ ଦେଇଛି। ଅସଲ କଥା ହେଲା, ନିକଟରେ ଜଣେ ନୂଆ ପ୍ରଯୋଜକ ଜ୍ୟାକଲିନ୍‌ଙ୍କୁ ଏକ ଆଇଟମ ଗୀତରେ ନାଚିବାକୁ ଅଫର ଦେଇଥିଲେ। ଡମି ଗୀତଟି ଶୁଣିବା ପରେ ସେ ମଧ୍ୟ ରାଜି ହୋଇଥିଲେ। ହେଲେ ଏବେ ସେଥିରେ କେଁ ପଶିଯାଇଛି। ଗୀତଟିର କେତୋଟି ଧାଡ଼ିକୁ ଗୀତିକାର ଚେଞ୍ଜ କରିଛନ୍ତି। ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଜ୍ୟାକଲିନ୍। ଏ ସମ୍ପର୍କରେ ସେ କହନ୍ତି, 'ଯଦି ଆଇଟମ ନମ୍ବର ଲିରିକ୍ସରେ ବାରମ୍ବାର ଏଭଳି ପରିବର୍ତ୍ତନ ହୁଏ, ତେବେ ସେଥିରେ ମୁଁ ନାଚିବି ନା ନାହିଁ ଚିନ୍ତା କରିବି। କାରଣ ଯେଉଁ ପ୍ରଥମ ଗୀତଟି ଶୁଣିଥିଲି ତାହାର ଲିରିକ୍ସ ଠିକ୍‌ଠାକ୍ ଲାଗୁଥିଲା। ମୋ ମତରେ ସେଥିରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ନାହିଁ।' ଶୁଣିବାକୁ ମିଳୁଛି ଯେ, ଏହି ଆଇଟମ ନମ୍ବର ପାଇଁ ଜ୍ୟାକଲିନ ଯେତିକି ପାରିଶ୍ରମିକ ଆଶା କରୁଥିଲେ ତାହାର ଦୁଇଗୁଣା ତାଙ୍କୁ ମିଳିଛି। ତେବେ ସେ ଏହାକୁ ଛାଡୁଛନ୍ତି ନା ନାଚିବାକୁ ରାଜି ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

ଜ୍ୟାକ୍ଲିନ୍

## ପ୍ରଥମ ରୋଜଗାର



ଲେଖିକା **ପଙ୍କଜବାସିନୀ ଭଞ୍ଜଦେଓ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଦୁର୍ଗା ମା'ଙ୍କ ପାଦ ତଳେ ଦରମା ରଖିଥିଲି

ଖୋର୍ଦ୍ଧା ଜିଲା ହଳଦିଆଗଡ଼ରେ ଗାଁ ହୋଇଥିଲେ ହେଁ ମୋ ଜନ୍ମ କୋରାପୁଟରେ। କାରଣ ମୋ ଦଦେଇ (ବାପା) ସେଠାରେ ଚାକିରି କରୁଥିଲେ। ପରେ ସେଠି ଜାଗା କିଣି ଘରଦ୍ୱାର ବି କଲେ। ତେଣୁ ମୋ ପାଠପଢ଼ା ସେଇଠି ହିଁ ହେଲା। ସ୍ଥାନୀୟ ଟିଆର୍‌ଡବ୍ଲ୍ୟୁ ଆଶ୍ରମ ସ୍କୁଲ୍‌ରୁ ୧୯୮୭ରେ ମାଟ୍ରିକ୍ ପାସ୍ କରିବା ପରେ ଆଉ ପଢ଼ି ପାରିଲି ନାହିଁ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ସେତେବେଳେ କଲେଜରେ ପଢ଼ିବା ପାଇଁ ସେଠାରେ ସୁବିଧା ନ ଥିଲା। ଏମିତି ୩ ବର୍ଷ ବିତିଗଲା। ତା'ପରେ ବଡ଼ଭାଇଙ୍କର ବାହାଘର ହେଲା। ଘରକୁ ଭାଉଜ ଆସିବା ପରେ ମୁଁ ଖୋର୍ଦ୍ଧା ଆସି କଲେଜରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ପଢ଼ିଲି। ଏହାପରେ ଡିଷ୍ଟାନ୍ସରେ ବ୍ରହ୍ମପୁର ମହାବିଦ୍ୟାଳୟରେ ଓଡ଼ିଆରେ ଏମ୍‌ଏ କଲି। ଏମ୍‌ଏ ସରି ନଥାଏ, ସେପଟେ ନବରଙ୍ଗପୁର ଜିଲା ଉମରକୋଟ ତହସିଲ୍ ଅଫିସ୍‌ରେ କନିଷ୍ଠ କିରାଣି ଭାବେ ନିଯୁକ୍ତି ପାଇଗଲି। ଦରମା ୨୬୫୦ ଟଙ୍କା। ଦୁର୍ଗା ମା'ଙ୍କୁ ମୁଁ ଭକ୍ତି କରେ। ତେଣୁ ପ୍ରଥମ ମାସର ଦରମା ପାଇଲା ପରେ ମା' ଦୁର୍ଗାଙ୍କ ପାଦ ତଳେ ଟଙ୍କାକୁ ଆଣି ରଖିଥିଲି। ତା'ପରେ ମୋ ମାମା (ବୋଉ) ସେ ଟଙ୍କା ଆଣିଥିଲେ। ପ୍ରତିମାସ ଏମିତି କରୁଥିଲି, ଆଉ ଏବେ ବି ଦରମା ପାଇଲା ମାତ୍ରେ ପ୍ରଥମେ ଦୁର୍ଗା ମା'ଙ୍କ ପାଦ ତଳେ ରଖେ। ତେବେ ପ୍ରଥମ ତିନିମାସର ଦରମା ସଞ୍ଚୟ କରି ପରିବାରର ସମସ୍ତଙ୍କ ପାଇଁ ନିଜ ସାଧମତେ ନୂଆ ଲୁଗାପଟା କରିଥିଲି। ସମସ୍ତେ ସେଦିନ ବହୁତ ଖୁସି ହୋଇଥିଲେ। ୨୦୦୦ ମସିହା ପର୍ଯ୍ୟନ୍ତ ଉମରକୋଟ ତହସିଲ୍‌ରେ କାମ କରିବା ପରେ ନବରଙ୍ଗପୁର କୋଡିଙ୍ଗା ତହସିଲ୍‌କୁ ମୋର ଟ୍ରାନ୍ସଫର୍ ହେଲା। ଏଠି ୨୦୦୫ ଯାଏଁ ରହିଲି। କିନ୍ତୁ ତାରି ଭିତରେ ଅର୍ଥାତ୍ ୨୦୦୩ରେ ମୋ ବାହାଘର ହେଲା। ଶାଶୁଘର ଖୋର୍ଦ୍ଧାରେ। ତେଣୁ ୨୦୦୫ ଯାଏଁ କୋଡିଙ୍ଗା ତହସିଲ୍‌ରେ କାମ କରି ତା'ପରେ ଖୋର୍ଦ୍ଧା କଲେକ୍ଟର ଅଫିସ୍‌କୁ କନିଷ୍ଠ କିରାଣି ଭାବେ ବଦଳି ହୋଇ ଆସିଲି। ୨୦୧୨ରେ ପ୍ରମୋଶନ ପାଇ ଖୋର୍ଦ୍ଧା ତହସିଲ୍‌ରେ ବରିଷ୍ଠ କିରାଣି ଭାବେ ଯୋଗଦେଲି। ଆଉ ଏବେ ମୁଁ ଖୋର୍ଦ୍ଧା କଲେକ୍ଟର ଅଫିସ୍‌ରେ ବରିଷ୍ଠ କିରାଣି ଭାବେ ଅବସ୍ଥାପିତ। ଚାକିରି ଜୀବନ ଛଡ଼ା ଲେଖାଲେଖିରେ ବି ରୁଚି ରଖେ। ମୋ ମାମା କବିତା ଲେଖୁଥିଲେ। ତେଣୁ ତାଙ୍କଠାରୁ ପ୍ରେରଣା ପାଇ ୧୦ ବର୍ଷ ବୟସରୁ ଲେଖିବା ଆରମ୍ଭ କରିଥିଲି। ମୁଖ୍ୟତଃ ଆଦିବାସୀ ଲୋକମାନଙ୍କର ଚଳଣି, ଜୀବନଶୈଳୀ, ନୃତ୍ୟକଳା ତଥା ସେମାନଙ୍କ ଉନ୍ନତି ଦିଗ ଉପରେ ଆଧାର କରି ମୁଁ କବିତା ଲେଖୁଥିଲି। କିନ୍ତୁ ତାହାକୁ ଖବରକାଗଜ କିମ୍ବା ପତ୍ରପତ୍ରିକାରେ ପ୍ରକାଶ କରିବାର ସୁଯୋଗ ପାଉ ନଥିଲି। ଯେବେ ଖୋର୍ଦ୍ଧା ଆସି କଲେଜରେ ପଢ଼ିଲି, ସେବେ ପ୍ରଥମ କରି ଏକ ପତ୍ରିକାରେ ମୋର ଗୋଟିଏ କବିତା ପ୍ରକାଶ ପାଇଲା। ଉକ୍ତ କବିତାଟି ଥିଲା 'ମୋ ମା'। ବାସ୍ ତା'ପରଠୁ ଆଉ ପଛକୁ ଫେରି ଚାହିଁନି। କ୍ରମେ କବିତା ସହ କ୍ଷୁଦ୍ର ଗପ ବି ଲେଖିଲି। ଯା' ଭିତରେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଗପ ଓ କବିତା ମୋର ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶ ପାଇସାରିଲାଣି। ତା'ଛଡ଼ା ଏହି ଲେଖାଲେଖିକୁ ନେଇ ଅନେକ ପୁରସ୍କାର ଓ ସମ୍ମାନ ମଧ୍ୟ ପାଇଛି। ତେଣୁ ଆଜି ମୁଁ ଯେଉଁ ସ୍ଥାନରେ ପହଞ୍ଚିଛି, ଏସବୁ ମୋ ମାମାଙ୍କ ପାଇଁ ହିଁ ସମ୍ଭବ ହୋଇଛି ବୋଲି କହିଲେ ଭୁଲ୍ ହେବ ନାହିଁ। କାରଣ କୋରାପୁଟ ପରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରହି ବି ମୋତେ ଶିକ୍ଷିତ କରାଇ ରୋଜଗାରକ୍ଷମ କରାଇବା ସହ ଲେଖାଲେଖି ଦିଗରେ ନାଁ କମାଇବାର ସୁଯୋଗ ମୋତେ ମାମା ହିଁ ଦେଇଛନ୍ତି। ସେଥିପାଇଁ ମୁଁ ତାଙ୍କ ପାଖେ ଚିର ଋଣୀ।

# ତେରେଛା ହସର ଭିତିରି କଥା, ବୁଝିପାରୁନାହିଁ ଘୂରାଏ ମଥା

**ପ୍ରଶ୍ନ–**ଜଣେ ସୁନ୍ଦରୀ ମୋତେ ଦେଖି ବାଙ୍କଚାହାଣିରେ ହସିଦେଇ ଚାଲିଯାଉଛି। ତାକୁ ଥରେ ସାହସ କରି 'ଆଇ ଲଭ୍ ୟୁ' କହିଲି। ହେଲେ ସେ ଏମିତି ହସିଦେଇ ଚାଲିଗଲା ଯେ ତାହାର ଅର୍ଥ ମୁଁ ଏଯାଏ ବୁଝିପାରୁନାହିଁ କିମ୍ବା ତା'ର ଆଉ ତା'ପରେ ଦେଖାନାହିଁ। କ'ଣ କରିବି ?

*–ସଞ୍ଜୟ ପାତ୍ର, ବ୍ରହ୍ମପୁର*

**ଉତ୍ତର:** ସତରେ ଆପଣ ପ୍ରେମର ଏପରି ଏକ ସ୍ଥାନରେ ଠିଆ ହୋଇଛନ୍ତି, ଯାହାର ଚାରିପଟେ କେବଳ ଟେନ୍‌ସନ ହିଁ ଟେନ୍‌ସନ। କାରଣ 'ତେରେଛା ହସର ଭିତିରି କଥା, ବୁଝିପାରୁନାହିଁ ଘୂରାଏ ମଥା।' ହିଁ, ପ୍ରଥମେ ସେ ବଳୟ ଭିତରୁ ନିଜକୁ ମୁକାଳିବାକୁ ଚେଷ୍ଟା କରନ୍ତୁ। କାରଣ ମୁଣ୍ଡରେ ଯଦି ଟେନ୍‌ସନ ରହିଲା ତେବେ ପ୍ରେମ ଗଣିତର ହିସାବ ଅଡୁଆ ତଡୁଆ ହୋଇଯାଏ। ତେଣୁ ଏଭଳି ପ୍ରେମର ଗତି କୁଆଡ଼େ ତାହାକୁ ପ୍ରଥମେ ଥଣ୍ଡା ମିଜାସରେ ଆକଳନ କରନ୍ତୁ। ତା'ପରେ କ'ଣ କରିବେ ନିଷ୍ପତ୍ତି ନିଅନ୍ତୁ।

**ପ୍ରଶ୍ନ–** କହନ୍ତି ଏକତରଫା ପ୍ରେମରେ ମଜା ନ ଥାଏ। ହେଲେ ମୋତେ ଏଥିରୁ ଢେର୍ ମଜା ମିଳୁଛି। ଏହାକୁ ନେଇ ଆଗକୁ ଆଗେଇବା ଠିକ୍ ହେବ କି ? *–ଦୀପକ ରଥ, ସୋନପୁର*

**ଉତ୍ତର:** ମାଗି ଆଣିବା ତିଅଣ ସୋଡ଼କାଏ। ଠିକ୍ ସେହିପରି ଏକତରଫା ପ୍ରେମରେ ମିଳୁଥିବା ମଜା କ୍ଷଣିକ। ତାକୁ ନେଇ ଅଧିକ ଉତ୍‌ଫୁଲିତ ହେଲେ କିଛି ଲାଭ ନାହିଁ। ଦୁଇପଟରୁ ଯଦି ଗ୍ରୀନ୍ ସିଗ୍‌ନାଲ ନ ରହିଲା ତେବେ ସେଭଳି ପ୍ରେମ ସ୍ୱାଦହୀନ ଏବଂ କେତେବେଳେ ତାହା ଭସା ବାଦଲ ପରି କୁଆଡେ ପଳେଇବ, ତାହା ଜାଣିପାରିବେ ନାହିଁ। ତେଣୁ ପ୍ରଥମେ ନିଜକୁ ଏଭଳି ମାନସିକତାରୁ ମୁକୁଳାନ୍ତୁ। ପ୍ରେମିକା ମନରେ ଏଭଳି ଘରଟିଏ କରନ୍ତୁ, ଯାହା ଆପଣଙ୍କ ପ୍ରେମକୁ ପଜିଟିଭ୍ ମାଇଲେଜ୍ ଦେବ। ନ ହେଲେ ଏକତରଫା ପ୍ରେମର ଅଲଣା ମଜା ଚାଖୁଥିବେ ହେଲେ ତାହାର ଫଳ କିଛି ଆସିବ ତାହା ଭାବିବା ଭୁଲ।

**ପ୍ରଶ୍ନ–**କେତେକ ଝିଅ ଏକାଥରେ ୩-୪ ପୁଅଙ୍କୁ ପ୍ରେମ କରନ୍ତି। ସେମାନେ ଏଭଳି କାହିଁକି କରନ୍ତି ? *–ତପନ କୁମାର, କଟକ*

**ଉତ୍ତର:** କାହାର ମାନସିକତାକୁ ଆମେ ଯେତେ ଚେଷ୍ଟା କଲେ ବି ବଦଳାଇବା ସମ୍ଭବ ହୋଇ ନ ଥାଏ। ଏଭଳି ପ୍ରେମ ସହ ଜଡ଼ିତ ପୁଅ କି ଝିଅ ପ୍ରେମର ଅସଲ ଅର୍ଥକୁ ଠିକ୍ ଭାବରେ ବୁଝି ନ ଥାନ୍ତି। ପ୍ରେମ ସେମାନଙ୍କ ପାଇଁ ଖେଳନା। ହେଲେ ସେଭଳି ପ୍ରେମର ଫଳ ଯେତେବେଳେ ନେଗେଟିଭ୍ ହୁଏ ସେତେବେଳେ ସେମାନଙ୍କର ଅବସ୍ଥା କ'ଣ ହେବ ତାହା ଥରେ ଚିନ୍ତା କରିବା ଉଚିତ।

**ପ୍ରଶ୍ନ–**ପ୍ରେମର କ'ଣ ସାଇଡ୍ ଇଫେକ୍ଟ ଅଛି ?

*–ମଦନ ରାଉତ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:** ଯେମିତି ପ୍ରେମ ସେମିତି ଫଳ। ପ୍ରେମର ଆରମ୍ଭ ଯଦି ରଙ୍ଗିନ ଆଉ ଦୃଢ଼ ନ ହେଲା ତେବେ ସେପରି ପ୍ରେମ ଅଙ୍କାବଙ୍କା ରାସ୍ତା ଦେଇ ଗତି କରି ଶେଷରେ ଦୂର ଦିଗ୍‌ବଳୟରେ ବିଲୀନ ହୋଇଯାଇଥାଏ। ପ୍ରେମ ଯଦି ନିର୍ମଳ ହୁଏ, ତେବେ ତାହାର ସାଇଡ୍ ଇଫେକ୍ଟ ଜିରୋ ବୋଲି ଧରିନିଅନ୍ତୁ। ଯଦି ପ୍ରେମର ଅବସ୍ଥା ଶଙ୍କା ଆଶଙ୍କା ଦେଇ ଗତି କଲା ତେବେ ତାହାର ସାଇଡ୍ ଇଫେକ୍ଟ କେତେବେଳେ କ'ଣ ହେବ ତାହା ଆକଳନ କରିବା କଷ୍ଟକର।



ସାଥୀ



## ସ୍ପର୍ଶ

**ଲକ୍ଷ୍ମୀ ଚାନ୍ଦ୍**

ମୁଁ ତା' ହସରେ ବି ଗୋଟେ ଷଡ଼ଯନ୍ତ୍ର ଦେଖି ପାରୁଥିଲି। କି ବିକଟାଳ ତା' ମୁହଁ। ଭୟଙ୍କର ତା' ସ୍ୱର। ଦେଖଣାହାରି ତାକୁ ଲମ୍ବା ଦଣ୍ଡବତ ପକାଉଥାନ୍ତି। ସେ ବାରମ୍ବାର ମୁଣ୍ଡ ବୁଲେଇ ଚାରିଆଡେ ଚାହୁଁଥାଏ। ସେ ଆମ ସାହିର ଶାନ୍ତି। ବୟସ ବାଇଶ। ତ୍ରିପଣ୍ଡ କାଳୀ ହେଲେ ମଧ ମୁହଁର କମନୀୟତା ପାଇଁ ସମସ୍ତଙ୍କୁ ଆକୃଷ୍ଟ କରି ପାରୁଥିଲା। ସକାଳୁ ସକାଳୁ ହୁରି ପଡିଛି ତାକୁ କୁଆଡେ ଦେବୀ ଲାଗିଛନ୍ତି। ଆଉ ସେଇଥିପାଇଁ ମୁହଁଟା ଏତେ ରୁକ୍ଷ ଓ କଠିନ। ଆଖି ଦୁଇଟି ମନ୍ଦାରଫୁଲ ପରି ଲାଲ୍। ପାଖକୁ ଯିବାକୁ ଡର ଲାଗୁଛି। ଏଡେ ଶାନ୍ତଶିଷ୍ଟ ଝିଅର ହଠାତ୍ ଏ ଦେବୀଭାବ କାହିଁକି?

ଦେବୀ...ହଅଅ ଗୋଟେ କହିବା କଥା। ଦେବୀ କ'ଣ କାହାକୁ ଲାଗନ୍ତି? ସବୁ ମନର ଭ୍ରମ। ଶାନ୍ତି ରାସ୍ତା ମଝିରେ ବସି ମୁଣ୍ଡ ତଳକୁ କରି ଝୁଲୁଥାଏ। ତା' ଖୋଷା କେତେବେଳୁ ଖୋଲି ଭୂଇଁରେ ଲୋଟୁଥାଏ। ମୋତେ ତା'ର ରଙ୍ଗଢଙ୍ଗ କିଛି ଭଲ ନ ଲାଗିବାରୁ ଯାହାକୁ ମୋ ପାଖାପାଖି ପାଇଲି ତା' କାନରେ ଫୁସ୍ ଫୁସ୍ କରି କହିଲି – କି ପାଲା ଏଠି ଲଗାଇଛି ଦେଖ ତ! ଦେବୀ ନା ଆହୁରି କ'ଣ ଲାଗିଛନ୍ତି ତାକୁ। ଶୁଣିଲାବାଲା ଘୁଞ୍ଚିଗଲେ ମୋ ପାଖରୁ। ଦେବୀଙ୍କୁ କାହାର ଭୟ ନାହିଁ? ସେ ପୁଣି ସଦ୍ୟ ଉଭା ହୋଇଛନ୍ତି ସାମ୍ନାରେ।

ଜଣ ଜଣ ହୋଇ ତାକୁ ହାତ ଯୋଡିବାକୁ ଲାଗିଲେ। ମୋର ସନ୍ଦେହ ଆହୁରି ଘନୀଭୂତ ହେଲା। ଏତେ ଟିକେ ସମୟ ଭିତରେ ଏମିତି କିମିଆଁ କରି ସାରିଲାଣି ସମସ୍ତଙ୍କୁ। ସମସ୍ତେ ତାକୁ ଦେବୀ ଦେବୀ କହି ପାଦତଳେ ଲୋଟିଲେଣି। ଏସବୁ ମୋତେ ଗୋଟେ ହେରେସାମି ଲାଗିଲା ଓ ମୁଁ ସେଠୁ ଫେରି ଆସିବାକୁ ପାଦ ଲେଉଟାଇଲି। ଲୋକଙ୍କୁ ହଟାଇ ହଠାତ୍ ଶାନ୍ତି ଆସି ମୋ ହାତ ଧରି ମୋତେ କିଛି ସମୟ ଚାହିଁ ରହିଲା। ସେ ଚାହାଣୀ ଅଦ୍ଭୁତ; କିନ୍ତୁ ସ୍ନେହସିକ୍ତ।

ମୁଁ ଏପରି ଦେବୀପଣରେ ଆଦୌ ବିଶ୍ୱାସ କରୁ ନ ଥିବାରୁ ତା'ଠୁ ହାତ ଛଡାଇ ଚାଲିଆସିଲି। ଘରେ ଆସି ବିଭିନ୍ନ କାମରେ ବୁଡିଗଲି। ଦ୍ୱିପହରେ ମନେ ହେଲା ଦୀର୍ଘଦିନରୁ ଭୋଗୁଥିବା ଦେହମୁଣ୍ଡ ଦରଜ ମୋର ହଠାତ୍ କୁଆଡେ ଉଭେଇ ଯାଇଛି। ମୋତେ ଏକଦମ୍ ଫ୍ରେଶ୍ ଲାଗୁଛି। ମନ ପରି ଦେହ ମଧ ଚଞ୍ଚଳ ଅଛି। ଏହି ଦରଜ ଯୋଗୁ ମୁଁ କାମଦାମ ବିଶେଷ କରି ନ ପାରି ମାଟି ମୁଣ୍ଡା ପରି ପଡି ରହୁଥିଲି। ଏ ମୋର ଦୀର୍ଘଦିନର ବେମାରି। ହଠାତ୍ କେମିତି ଛାଡିଗଲା? ହାତରେ ଅନୁଭବ ହେଉଥିଲା କାହାର ସ୍ପର୍ଶ... ସତରେ କ'ଣ...?

ଯେଉଁମାନେ ଦେବୀ ଦେବୀ କହି ଭୂଇଁରେ ଲୋଟି ଯାଉଥିଲେ ତାଙ୍କୁ ତ କିଛି ଦେଲେନି। ମୋର ପ୍ରଖର ଅବିଶ୍ୱାସ ସତ୍ତ୍ୱେ ମୋ ପ୍ରତି ଏତେ ଅନୁଗ୍ରହ କାହିଁକି?

ଦେବୀ କ'ଣ ତାଙ୍କୁ ଅବିଶ୍ୱାସ କରୁଥିବା ମଣିଷଙ୍କୁ ହିଁ ଦେଖାଦିଅନ୍ତି?

ମଣିଷ ଆଉ ଦେବୀଙ୍କ ବିଶ୍ୱାସ ମଧରେ କେତେ ଭିନ୍ନତା ସତେ!

*– ଅମୃତାୟନ, ଭୁବନେଶ୍ୱର*

*ମୋ: ୮୯୧୭୫୯୫୯୧୫*

## ଅସ୍ତ୍ର

**ପ୍ରଦୀପ ନାୟକ**

ମୁଁ ମୋତେ ଦେଖିପାରିବି ନାହିଁ। ଡାକ୍ତରଖାନାରୁ ଘରକୁ ଆସିବା ପରେ ବାପା ମୋ ପାଖରେ ଆଇନା, ପାଣି ଏମିତି କି ପ୍ରତିବିମ୍ବକୁ ଦେଖାଇବା ପରି କୌଣସି ଚିକ୍‌କଣ ଧାତୁର ଜିନିଷ ମଧ ରଖୁ ନ ଥିଲେ। ମୋତେ ଭଲ ପାଉଥିବା ଆତ୍ମୀୟ ସ୍ୱଜନଙ୍କ ସମେତ ବାପା ମୋତେ ଦେଖୁଥିଲେ। ଅଥଚ ମୁଁ ବିନା ଆଇନାରେ ସେମାନଙ୍କ ମୁହଁରୁ ପଢ଼ିପାରୁଥିଲି ମୋ ବିପର୍ଯ୍ୟୟର ଅବସାଦକୁ। ଦୀର୍ଘ ସାତବର୍ଷର ଗୋଟିଏ ଶରତ ସନ୍ଧ୍ୟାଠୁ ଆଜିଯାଏ ମୋର ସେ ଅବସାଦ ପ୍ରବଣ ଅତୀତକୁ ଆଉ ଦେଖିବାକୁ ଚାହିଁନାହିଁ।

ମୋ ଗୃହବନ୍ଦୀ ଜୀବନରୁ ମୁକୁଳେଇବାକୁ ସୁଦୀପ ଆସିଲେ। ସେତେବେଳକୁ ମୋ ଏସିଡ୍ ଫିଙ୍ଗା ମୁହଁକୁ ଦେଖିଦେଖି ମା' କାଣ୍ଡବିନ୍ଧା ପୋକ ଦାଉରେ ଝାଉଁଳି ପଡ଼ିଥିବା ଗଛ ପରି କେଇଟା ଦିନରେ ଚାଲିଯାଇଥିଲା। ସୁଦୀପଙ୍କ ଉଦାରତାକୁ ନେଇ ଶତମୁଖ ସବୁ ମିଡିଆ। କେତେକ ସଂସ୍ଥା ମଧ ତାଙ୍କୁ ଏ ବାହାଘର ପାଇଁ ସମ୍ମାନିତ କରିଥିଲେ। ତଥାପି ମା' ବଞ୍ଚିପାରିଲାନାହିଁ। ବାହାଘରର ବର୍ଷଟେ ନ ପୂରୁଣୁ ସୁଦୀପ ରୋକ୍‌ଠୋକ୍ ମନା କରିଦେଲେ ମୋ ଠାରୁ ତାଙ୍କର ପିଲାଟିଏ ନ ଆସୁ। ପିଲାଟା ମୋତେ ଦେଖି ଡରିବ। ସାରା ଜୀବନ ଗୋଟେ ବିକୃତି ନେଇ ବଞ୍ଚିବ। ପିଲାର ଭବିଷ୍ୟତ ମଙ୍ଗଳ ହେବନାହିଁ। ତା'ପରେ ସବୁ ସମ୍ପର୍କ ଶେଷ ହେଇଗଲା।

ମୋର ମନେପଡ଼େ ସୁଦୀପ ବାହାଘରର ପ୍ରଥମ ମିଳନ ଦିନମାନଙ୍କରେ କହନ୍ତି – ତମ ମୁହଁକୁ ଛାଡ଼ିଦେଲେ ମନ, ଅବଶିଷ୍ଟ ଦେହ ତ ସୁନ୍ଦର। ଏମିତିରେ ଈଶ୍ୱର କାହାକୁ ସବୁ ଭଲ ଦେଇ ନ ଥାନ୍ତି। ସୁନ୍ଦରପଣରେ କେଉଁଠି ନା କେଉଁଠି ଶୂନ୍ୟସ୍ଥାନ ଥାଏ।

ମୋଠୁ ଦୂରେଇ ଯିବା ପରେ କାଳେ ମୁଁ କୋର୍ଟରେ ଭରଣପୋଷଣ ଦାବି କରିବି ସେଇ ଆଶଙ୍କାରେ ଛାଡ଼ପତ୍ରଟା ବି ଅଟକି ରହିଥିଲା। ମୁଁ ସେଥିରେ ଦସ୍ତଖତ କରିଦେଲି ବିନା କିଛି ଦାବିରେ। ମୋ ଜୀବନର ଏସିଡ୍ ଫିଙ୍ଗା ଘଟଣାଠୁ ନେଇ ଅନେକ ସ୍ମରଣୀୟ ଦିନଗୁଡ଼ିକର ଉଲ୍ଲେଖ ମୋ ଡାଏରୀରେ ଗୋଟେଗୋଟେ ଗାର ହେଇଥିଲା। ସେ ସବୁକୁ ବି ଲିଭେଇଦେଲି।

ଏତେବର୍ଷ ପରେ ଭାବିଲି ମୁଁ ମୁକ୍ତ। ଦୁଃଖର ବର୍ଷପୂର୍ତ୍ତି ପାଳିବାକୁ ଆଜି ପୂଜା ଦେଖି ବାହାରିଲି। ଭିଡ଼ରେ ହଜିଗଲି। ମେଳାରେ ବୁଲିଲି। ଆବଶ୍ୟକ ନ ଥାଇ ଖେଳନା କିଣିଲି। ମୋ ଆଡୁ ଫେରେଇ ନଉଥିବା ଆଖିମାନଙ୍କୁ ଚାହିଁ ହସିଲି। ଅନୁଭବ କଲି– ସଂସାର ମୋ ପାଇଁ ଲଜ୍ଜିତ ନୁହେଁ। ମୁଁ କାହିଁକି ତାକୁ ଲାଜ କରିବି। ମା'ଙ୍କ ଦର୍ଶନ କଲାବେଳେ ପ୍ରାର୍ଥନା ସ୍ୱରରେ କହିଲି – ମା' ତତେ ଏ ଦଶବିଧ ପ୍ରହରଣ ଦେବତାମାନେ ଦେଇଛନ୍ତି। ମୋତେ ବି ଦୟା କରୁଣା ଆଶ୍ୱାସନା କେତେ କ'ଣ ମିଳିଛି। କିନ୍ତୁ ଏ ସବୁରେ ମହିଷାମାନେ ମରନ୍ତିନି। ମା' ତୁ ଦେଖିବୁ ଦଶମୀ ପରେ ତତେ ପାଣିରେ ଭସେଇ ଦେଇ କୂଳରେ ଆହୁରି ଅସୁରମାନେ ହସୁଥିବେ। ଲୋକେ କହୁଥିବେ ମହିଷା ମରିଛି। ତେଣୁ ଏ ଅସ୍ତ୍ରକୁ ଫିଙ୍ଗିଦେ ମା'। ଦୟା, ଦାନ ପୁରୁଷର ଅସ୍ତ୍ର ନୁହଁ ମା'। ସେ ସବୁ ନାରୀର। ଆମକୁ ନିଜ ଅସ୍ତ୍ର ନିଜକୁ ତିଆରିବାକୁ ପଡ଼ିବ।

*– ବନ୍ଧପଡ଼ା, ମଦନପୁର, କେନ୍ଦ୍ରାପଡ଼ା*

*ମୋ: ୮୯୧୭୩୭୦୨୨୭*

## ଦେବୀ

**ମନୋଜ କୁମାର ପୃଷ୍ଟି**

ପାର୍ବଣ ଆକାଶରେ ସଞ୍ଜ ରତରତ। ଆଲୋକର ତୋରଣରେ ଦେବଦାସୀର ନାଚ। ଗାଁରୁ ସହର ସବୁ ଆଜି ଚଳଚଞ୍ଚଳ।

ଦୂରରୁ ଶୁଭିଲା ମାଆ ଦୁର୍ଗାଙ୍କର ସାନ୍ଧ୍ୟ ସ୍ତୁତିଗାନ। କାନପାରି ଶୁଣୁଛି ଦେବୀ ସଜାଇ ନିଜ ଅବୟବ। ମଥାରେ ତା'ର ଝଟକୁଛି ଲାଲ ସିନ୍ଦୂର। ଆଖିରେ କୋଇଲି କଜଳ। ନାକରେ ଝିନ ନୋଥ। କାନରେ କାଞ୍ଚନକୁଣ୍ଡଳ। ଗଳାରେ ସୁବର୍ଣ୍ଣର ହାର। ଓଠରେ ଗୋଲାପି ପ୍ରଲେପ ଏବଂ ଅଙ୍ଗରାଗରୁ ସ୍ଫୁରିତ ହେଉଛି ଅପୂର୍ବ ମହକ।

ଦେବୀ ହଠାତ୍ ଚମକି ପଡିଲା। କିଏ? ପଛରୁ ଶୁଣାଗଲା– 'ମାମା, ତମେ ଆଜି ଯାଅନି। ଆମେ ପୂଜା ବୁଲିଯିବା। କାଲି ରାବଣ ପୋଡି। ପ୍ରବଳ ଭିଡ଼ ହେବ। ଦେଖ, ଲୋକମାନେ କେମିତି ଯାଉଛନ୍ତି।

ଦେବୀ ନୀରବ। କ'ଣ କହିବ? କେମିତି ବୁଝାଇବ– ମା'ରେ, ମୁଁ ଯାଇପାରିବି ନାହିଁ। ଏ ପୂଜା ଆମ ପାଇଁ ନୁହଁ। ଆମେ ତ ଏକ ଭିନ୍ନ ରାଇଜର ଲୋକ। ଆମ ପାଇଁ ପୂଜା ଏଠି ଅଭିଶାପ। ପୂଜା ଆସିଲେ ଆମ କାମ ବଢିଯାଏ। ମହିଷାସୁରମାନଙ୍କର ସଂଖ୍ୟା ବି ବଢେ। ସେମାନେ ଅପେକ୍ଷା କରିଥିବେ। ମତେ ଯିବାକୁ ହେବ। ନ ହେଲେ...

– ଏ ମାମା, ଚାଲ ନା। ଦେବୀ ଲଥ୍‌କିନା ବସି ପଡିଲା।

– ନା ମା', ଆଜି ଯାଇ ହବନି। କାମ ଅଛି। ତୁ ଘରେ ବସି ଟିଭି ଦେଖ। କାଲି ବୁଢୀଆଈକି କହିବି ବୁଲେଇନବ।

ଦେବୀ ଆଖି ଛଳଛଳ। ହାତରେ ଖଣ୍ଡେ ଟିସୁ ପେପର। ଧୀରେକି ଖୋଜି ଆଣିଲା ଆଖି କଣର ଲୁହ। ମୋବାଇଲ ଥରିଲା। ଦେବୀ ବାହାରି ଗଲା।

କୁନି ଝିଅ ନୀରବରେ ବସି ଦେଖୁଥିଲା– ମା' ଦୁର୍ଗାଙ୍କର ମୃଣ୍ମୟୀ ମେଢ। ନଭଶ୍ଚୁମ୍ବୀ ତୋରଣ ଓ ପୂଜାର ଲାଇଭ୍ ଟେଲିକାଷ୍ଟ। ଲୋକମାନେ କେମିତି ଭକ୍ତିପୂତ ଆତ୍ମାରେ ମା'ଙ୍କୁ ଅର୍ପଣ କରୁଛନ୍ତି ନବଶ୍ୱେତ କମଳ।

ରାତି ବଢିଚାଲିଲା। ଦୂରରୁ ଧୀରେ ଧୀରେ ଶୁଣାଗଲା ମା'ଙ୍କର ରାତ୍ରି ଶୟନର ସ୍ତୁତି ପାଠ। ତେଣେ ଦେବୀ ଅଥୟ ଅସ୍ଥିର। ଯନ୍ତ୍ରଣାର ଜଉ ଘରେ ଛଟପଟ। ମହିଷାସୁର ମରୁନି। ଯେତେ ମାରିଲେ ବି ଥରକୁଥର ଜନ୍ମ ନେଇ ହସୁଛି।

ଦେବୀ ଚିତ୍କାର କଲା ହୃଦୟର ଗଭୀରତମ ମୁଖଶାଳାରେ– ହେ ମାଆ, ଶକ୍ତି ଦେ। ନଚେତ ମାରିଦେ। ଏ ରାତି ପାହିବା ଆଗରୁ ମହିଷାସୁର ମରୁ। ନ ହେଲେ ମୁଁ ମରେ। କିନ୍ତୁ କିଏ ଶୁଣିଛି! ସବୁ ନିଷ୍ଫଳ। ବିଫଳ। ମହିଷାସୁରମାନଙ୍କର ତ ଏଠି ମରଣ ନାହିଁ। ସେମାନେ ଅମର।

ଦେବୀ ନିରୁପାୟ। ଶକ୍ତିହୀନା। ନେଞ୍ଚରା ଆଖିରେ ଖାଲି ସକାଳକୁ ଅପେକ୍ଷା।

ସିନ୍ଦୂରା ଫାଟିଲା ପାର୍ବଣ ଆକାଶରେ। କୁନିଝିଅ ଚାହିଁଲା ଝରକା ଖୋଲି। ଦେବୀ ଫେରୁଥିଲା ଲାଇନ୍ ଅଟୋରେ। ଦୂରରୁ ଶୁଭୁଥିଲା ମା'ଙ୍କର ସ୍ତୁତି: ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା; ନମଃ ତସ୍ମୈ ନମଃ ତସ୍ମୈ ନମଃ ତସ୍ମୈ ନମୋଃ ନମଃ॥

*– ସମବାୟ ଭବନ, ୨ୟ ମହଲା, ୟୁନିଟ୍–୯, ଭୁବନେଶ୍ୱର–୨୧*

*ମୋ: ୯୯୩୭୦୯୮୪୮୪*





ଦୀପ୍ତିଶା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

## ହାଃ ହାଃ

### ଘଣ୍ଟା

ନୂଆ ବୋହୂ ପ୍ରଥମକରି ରୋଷେଇଘରକୁ ଯାଇ ରୋଷେଇ ଶିକ୍ଷା ବହି ପଢ଼ି ରୋଷେଇ କରୁଥାଏ। ଶାଶୁ ଯାଇ ଫ୍ରିଜ୍ ଖୋଲି ଦେଖିଲେ ଫ୍ରିଜ୍ ଭିତରେ ଘଣ୍ଟାଟିଏ ରଖାଯାଇଛି। ଏହା ଦେଖି ଶାଶୁ ବୋହୂକୁ- ଫ୍ରିଜ୍ ଭିତରେ ଘଣ୍ଟା କାହିଁକି ରଖିଛୁ ?
ବୋହୂ- ମା' ଏଇ ବହିରେ ପରା ଲେଖା ହୋଇଛି ସବୁ ଜିନିଷକୁ ଭଲକି ମିଶେଇ ଦିଅ। ଆଉ ଏକ ଘଣ୍ଟା ଫ୍ରିଜ୍‌ରେ ରଖ।

### ସରଫରୋଶୀ

ଯୁବକ ଯୁବତୀଙ୍କୁ- ତୁମ ନାଁ କ'ଣ ?
ଯୁବତୀ- ତମନ୍ନା।
ଯୁବକ- ତୁମ ବାପାଙ୍କ ନା' ସରଫରୋଶୀ କି ?
ଯୁବତୀ- ନା। ହେଲେ ଏଇ ନାଁ ବାପାଙ୍କର ହେଇଥିବ ବୋଲି କାହିଁକି ଭାବିଲ ?
ଯୁବକ- କାହିଁକି ନା, ସରଫରୋଶୀ କି ତମନ୍ନା ଅବ ହମାରେ ଦିଲ୍ ମେଁ ହୈ...।

### ପଢୁଛି

ମା' ପୁଅକୁ- କ'ଣ କରୁଛୁ ?
ପୁଅ- ପଢୁଛି।
ମା' -ସୁନା ପୁଅ। ହେଲେ କ'ଣ ପଢୁଛୁ ?
ପୁଅ- ତୁମ ଭାବି ବୋହୂର ମେସେଜ୍।

# ମା' ସିଂହାସନୀ





**ପ୍ରାକୃତିକ ଶୋଭା ସମ୍ପଦରେ ବିମଣ୍ଡିତ ଓଡ଼ିଶାର ଗଞ୍ଜାମ ଜିଲା। ଏଠାରେ ରହିଛି ଅନେକ ଦେବୀପୀଠ। ତେବେ ପୋଲସରାଠାରୁ ପ୍ରାୟ ୨୭ କି.ମି ଦୂର ପାହାଡ଼ ଜଙ୍ଗଲଘେରା ପ୍ରାକୃତିକ ପରିବେଶରେ ଥିବା ମା' ସିଂହାସନୀଙ୍କ ପୀଠ ଅନ୍ୟତମ।**

### ଆବିର୍ଭାବକୁ ନେଇ ଲୋକକଥା

ମା' ସିଂହାସନୀଙ୍କ ଆବିର୍ଭାବ ବହୁ ପୁରାତନ କାଳରୁ ହୋଇଥିଲେ ମଧ କଳାପାହାଡ଼ ଆକ୍ରମଣ ସମୟରେ ତାହା ଲୋକଲୋଚନକୁ ଆସିଥିଲା। କଳାପାହାଡ଼ ପୁରୀ ଗଜପତିଙ୍କୁ ଆକ୍ରମଣ କରିବା ସମୟରେ ଆଠଗଡ଼ ରାଜା ସହାୟତାର ହାତ ବଢ଼ାଇଥିଲେ। ସେ ପାନ୍ତିଆମା ନିକଟସ୍ଥ ପାହାଡ଼କୁ ଜଙ୍ଗଲ ରାସ୍ତା ଦେଇ ଆସିବା ପାଇଁ ଗଜପତିଙ୍କ ପାଖକୁ ଦୂତ ଦ୍ୱାରା ସମ୍ବାଦ ପଠାଇଥିଲେ। କିନ୍ତୁ ଏ କଥା କଳାପାହାଡ଼ ଜାଣିଯିବାରୁ ସେ ତାଙ୍କ ସୈନ୍ୟଙ୍କୁ ଧରି ଜଙ୍ଗଲ ଭିତରେ ଗଜପତିଙ୍କୁ ଖୋଜିବାକୁ ଲାଗିଲେ। ଏଥିରୁ ରକ୍ଷା ପାଇବାକୁ ଗଜପତି ଶେଷରେ ମା' ବନଦୁର୍ଗାଙ୍କୁ ସ୍ମରଣ କଲେ ଆଉ ମା' ବି ଗୋଟିଏ ବୃଦ୍ଧା ରୂପରେ ଆସି ସେଦିନ କଳାପାହାଡ଼ ଓ ତାଙ୍କର ସୈନ୍ୟଙ୍କୁ ବାଟବଣା କରିଥିଲେ ବୋଲି ଶୁଣିବାକୁ ମିଳେ। ଏହି ଘଟଣାର କିଛିଦିନ ପରେ ପୋଲସରା ନିକଟସ୍ଥ ଏକ ଗ୍ରାମର ଗୋଟିଏ ଗାଈ ପ୍ରତ୍ୟହ ଉକ୍ତ ଜଙ୍ଗଲ ମଧ୍ୟକୁ ଯାଇ ଏକ ଶିଳା ପାଖେ ଠିଆ ହେବା ପରେ, ସ୍ୱତଃ ତା' ପହ୍ନାରୁ କ୍ଷୀର ଝରି ଆସୁଥିଲା। ଏ ଦୃଶ୍ୟ ଗ୍ରାମର ଜଣେ ମହିଳା ଦେଖିବା ପରେ ଜମିଦାରଙ୍କ କାନକୁ ଖବର ଗଲା। ଜମିଦାର ବି ନିଜେ ଏ ଘଟଣା ଦେଖି ଆଶ୍ଚର୍ଯ୍ୟ ହେଲେ। ତା'ପରେ ଜମିଦାରଙ୍କ କଥାନୁସାରେ ଗାଁର ଜଣେ ବୃଦ୍ଧ ଯାଇ ପ୍ରତିଦିନ ସେହି ଶିଳାଙ୍କୁ ପୂଜା କରିବାକୁ ଲାଗିଲେ। ଦିନେ ଦିନେ ଶିଳା ନିକଟରେ ବାଘର ପାଦଚିହ୍ନ ପଡିଥିବାର ବୃଦ୍ଧ ଦେଖିବାକୁ ପାଉଥିଲେ। ଏପରିକି ବେଳେବେଳେ ଉକ୍ତ ଶିଳା ନିକଟରେ ମହାବଳ ବାଘ ବୁଲୁଥିବାର ଅନ୍ୟମାନେ ବି ଦେଖିଲେ। ଏ ଦୃଶ୍ୟ ବହୁବାର ଦେଖାଗଲା ପରେ ଉକ୍ତ ଶିଳାଟି ମା' ବନଦୁର୍ଗାଙ୍କର ବୋଲି ଗାଁ ଲୋକେ ବିଶ୍ୱାସ କରି ପୂଜାର୍ଚ୍ଚନା କଲେ। ଏହାର କିଛିଦିନ ପରେ ମା' ସେହି ବୃଦ୍ଧ ପୂଜାରୀଙ୍କ ସ୍ୱପ୍ନରେ ଆସି କହିଲେ– ମୋତେ ବନଦୁର୍ଗା ନାଁରେ ନୁହଁ, ମା' ସିଂହାସନୀ ନାମରେ ପୂଜା କର। ବାସ୍ ସେବେଠାରୁ ଏଠାରେ ମା' ସିଂହାସନୀ ପୂଜା ପାଇଆସୁଛନ୍ତି। କୁହାଯାଏ, ବର୍ତ୍ତମାନ ଯେଉଁ ପୂଜାରୀମାନେ ମା' ସିଂହାସନୀଙ୍କ ପୂଜକ, ସେମାନେ ହେଲେ ସେହି ବୃଦ୍ଧ ପୂଜାରୀଙ୍କ ବଂଶଧର।

### ମା'ଙ୍କ ମହିମା

ମା'ଙ୍କ ମହିମାକୁ ନେଇ ଅନେକ ଲୋକକଥା ଶୁଣିବାକୁ ମିଳିଥାଏ। ତନ୍ମଧ୍ୟରୁ ଗୋଟିଏ ହେଉଛି: ଦିନେ ମା'ଙ୍କ ପୂଜାରୀ ନିକଟସ୍ଥ ଜମିରେ ହଳ କରୁଥା'ନ୍ତି। ପୂଜା ସମୟ ହୋଇଯିବାରୁ ଚାଷ କାମ ଅଧାରେ ଛାଡ଼ି ବଳଦ ଫିଟାଇ ମା'ଙ୍କ ନିକଟକୁ ଆସି ପୂଜାର୍ଚ୍ଚନା ସାରି ଗଲାବେଳକୁ ଦେଖିଲେ ସେଠାରେ ବଳଦ ନାହାନ୍ତି। ବାଘର ପାଦଚିହ୍ନ ପଡ଼ିଥିବାର ଦେଖି ବଳଦଙ୍କୁ ବାଘ ଖାଇ ଦେଇଥିବା ସେ ଅନୁମାନ କଲେ। ମନଦୁଃଖରେ ପୂଜାରୀ ଘରକୁ ଫେରି ଦେଖନ୍ତି ତ ଘର ଦୁଆରେ ଗୋଟିଏ ବଳଦ ଠିଆ ହୋଇ ଥରୁଛି। ଏଥିରୁ ପୂଜାରୀ ନିଶ୍ଚିତ ହୋଇଗଲେ ଯେ, ଅନ୍ୟ ବଳଦଟିକୁ ବାଘ ଖାଇଦେଇଛି। ସେହି ଦୁଃଖ ଓ ଅଭିମାନରେ ପୂଜାରୀ ତା' ପରଦିନ ମା'ଙ୍କୁ ପୂଜା କରିବାକୁ ନ ଯାଆନ୍ତେ, ମା' ତାଙ୍କୁ ଆସନ୍ତାକାଲି ପ୍ରଭାତରୁ ସେହି ଗୋଟିଏ ବଳଦକୁ ନେଇ ହଳ କରିବାକୁ ସ୍ୱପ୍ନାଦେଶ କଲେ। ତା' ପରଦିନ ସେୟା ହେଲା। ପୂଜାରୀ ଗୋଟିଏ ବଳଦରେ ହଳ କରନ୍ତେ, ବାଘଟିଏ ଆସି ବଳଦର ଅନ୍ୟପଟେ ଯୋଡ଼ି ହୋଇ ହଳ କରିବାକୁ ଲାଗିଲା। ଏହି ଦୃଶ୍ୟକୁ ସେହି ଅଞ୍ଚଳର କିଛି ବ୍ୟକ୍ତି ବି ଦେଖିଲେ। ଘଟଣା ସମ୍ପର୍କରେ ଜମିଦାର ଜାଣିବା ପରେ ଉକ୍ତ ପୂଜାରୀଙ୍କୁ ଆଉ ଏକ ବଳଦ ପ୍ରଦାନ କରିଥିଲେ। ତେଣୁ ଏଥିରୁ ଜଣାଯାଏ, ମା' ସିଂହାସନୀ ଖୁବ୍ ପ୍ରତ୍ୟକ୍ଷ। ନିଷ୍ଠାର ସହ ତାଙ୍କ ନାମ ସ୍ମରଣ କଲେ, ରିଷ୍ଟ ଖଣ୍ଡନ ହେବା ସହ ମନସ୍କାମନା ପୂରଣ ହୋଇଥାଏ।

### ମନ୍ଦିର ପରିସର

ମା' ସିଂହାସନୀଙ୍କ ମହିମା ସମ୍ପର୍କରେ ଚର୍ଚ୍ଚା ହେବା ପରେ ମା'ଙ୍କ ପାଇଁ ଏକ ମନ୍ଦିର ନିର୍ମାଣ ହେଲା। ଦୂରଦୂରାନ୍ତରୁ ଭକ୍ତ ଏଠାକୁ ଦର୍ଶନ ନିମନ୍ତେ ଆସିବାକୁ ଲାଗିଲେ। ଫଳରେ ମନ୍ଦିରର ଉନ୍ନତି ପାଇଁ କ୍ରମେ ଏଠାରେ ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟ କରାଗଲା। ବର୍ତ୍ତମାନ ଏହି ମନ୍ଦିର ବେଢ଼ାରେ ବିଭିନ୍ନ କୋଠରି, ଭୋଗଶାଳା, ରୋଷେଇଶାଳା, ଯଜ୍ଞମଣ୍ଡପ, ମୁଖ୍ୟଦ୍ୱାର, ଯାତ୍ରୀ ବିଶ୍ରାମାଗାର ଆଦି ରହିଛି। ସେହିପରି ଯାତ୍ରୀଙ୍କ ସୁବିଧା ପାଇଁ ହଣ୍ଡାହାଣ୍ଡି, ଜାଳେଣିକାଠ, ରୋଷେଇ ସାମଗ୍ରୀ ପ୍ରଭୃତିର ସୁବିଧା ଅଛି।

### ମା'ଙ୍କ ପୂଜା ଓ ଭୋଗନୀତି

ଏଠାରେ ଛୁଆଁ ଅଛୁଆଁ, ଛୋଟବଡ଼ ଭେଦଭାବ ନାହିଁ। ପ୍ରତି ମଙ୍ଗଳବାର ଓ ସଂକ୍ରାନ୍ତିରେ ବହୁ ସଂଖ୍ୟାରେ ଭକ୍ତ ଏଠାକୁ ଆସିଥା'ନ୍ତି। ସେହିପରି ରଜ ତିନିଦିନ ମା'ଙ୍କ ପାଖେ ସ୍ୱତନ୍ତ୍ର ପୂଜା ହୋଇଥାଏ। ପ୍ରତିଦିନ ସକାଳ ଆଳତି ପରେ ମା'ଙ୍କ ପାଖେ ବାଳଭୋଗ, ମଧ୍ୟାହ୍ନରେ ଅନ୍ନଭୋଗ ଓ ସନ୍ଧ୍ୟାରେ ପଣାଭୋଗ ହୁଏ। କିନ୍ତୁ ରଜପର୍ବରେ ଏଠାରେ ପଲାଉ ଭୋଗ କରାହୁଏ।

### କେମିତି ଯିବେ

ପୂର୍ବ ପରି ଏଠାରେ ଆଉ ଘଞ୍ଚ ଜଙ୍ଗଲ ନାହିଁ। ପାଦଚଲା ରାସ୍ତା ସହିତ ଗାଡ଼ି ଯାତାୟାତ ପାଇଁ ସଡ଼କ ନିର୍ମାଣ ହୋଇସାରିଲାଣି। ଭୁବନେଶ୍ୱରରୁ ପ୍ରାୟ ୧୫୦ କି.ମି ଦୂର ଏହି ସ୍ଥାନ। ବାଲୁଗାଁଠାରୁ ଶାଳିଆ ଡ୍ୟାମ୍ ଦେଇ ମଧ ପାଖ ରାସ୍ତା ରହିଛି। ସେହିପରି ବ୍ରହ୍ମପୁରରୁ ପ୍ରାୟ ୮୦ କି.ମି ଦୂର ଏହି ପୀଠକୁ ପୋଲସରାରୁ ଚିରିକିପଡ଼ା, ଭାବରଡ଼ା, ପାଣ୍ଡିରିପଡ଼ା ଦେଇ ଯିବାକୁ ହୋଇଥାଏ। ଅନ୍ୟପକ୍ଷେ ଭଞ୍ଜନଗର ଓ ନୟାଗଡ଼ରୁ ବି ଏଠାକୁ ଯିବା ପାଇଁ ସୁବିଧା ଅଛି।

*– ଡ. ଜ୍ୟୋସ୍ନାରାଣୀ ପଟ୍ଟନାୟକ, ପୋଲସରା*

*–ଅମରେନ୍ଦ୍ର ମାନସିଂହ, ସୋରଣ*





# ବଡ଼ ବନ୍ଧାକୋବି





ନ୍ୟୁୟର୍କ, ୟର୍କଶାୟର୍‌ରେ ଏକ ଅଜବ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ସେ ହେଉଛି ହାରୋଗେଟ୍ ଅଟମ୍‌ନ ଫ୍ଲାୱାର ଶୋ'। ଏହା ବ୍ରିଟେନ୍‌ର ଏକ ଗାର୍ଡେନିଂ ଇଭେଣ୍ଟ, ଯେଉଁଥିରେ ଆଗ୍ରହୀ କୃଷକମାନେ ନିଜ ଝାଳବୁହା ପରିଶ୍ରମରେ ଉତ୍ପାଦନ କରିଥିବା ବିରାଟକାୟ ପନିପରିବାକୁ ପ୍ରଦର୍ଶିତ କରିଥାଆନ୍ତି। ପରିବାଗୁଡ଼ିକୁ ସେମାନଙ୍କର ଓଜନ ଓ ଲମ୍ବ ଅନୁସାରେ ଜଜ୍ କରାଯାଇଥାଏ। ନିକଟରେ ହୋଇଥିବା ଏହି ପ୍ରତିଯୋଗିତାରେ ଏକ ବନ୍ଧାକୋବି ହୋଇଛି ପୃଥିବୀର ସବୁଠାରୁ ଓଜନିଆ। ଏହାର ଓଜନ ହେଉଛି ୩୦.୨ କି.ଗ୍ରା.। ଇଆନ ନିଲ୍ ଏହି ବନ୍ଧାକୋବିକୁ ଉତ୍ପାଦନ କରିଥିଲେ। ଏହାଛଡ଼ା ସେ ଉକ୍ତ ପ୍ରତିଯୋଗିତାରେ ସବୁଠାରୁ ଓଜନିଆ ବିଟ୍‌ରୁଟ୍ ଓ ଗାଜର ପାଇଁ ବି ଚାମ୍ପିୟନ ହେଲେ। ସେ କହନ୍ତି, 'ଏଭଳି ବିରାଟକାୟ ତଥା ୱାଶିଂମେଶିନ ଆକାରର ବନ୍ଧାକୋବି ତଥା ଅନ୍ୟ ପରିବା ପ୍ରସ୍ତୁତ କରିବା ପଛରେ ସେମିତି କିଛି ସିକ୍ରେଟ୍ ନାହିଁ। ତେବେ ଏଥିପାଇଁ ଉପଯୁକ୍ତ ବିହନ, ବଢ଼ିବା ପାଇଁ ଅନୁକୂଳ ପରିବେଶ, ଧୈର୍ଯ୍ୟ ଓ ବହୁତ ସମୟ ଦେବାକୁ ହୁଏ।'

## କାର୍ଟୁନ କର୍ଣ୍ଣର



# କେମିତି କଟିବ ପୂଜା

ପୂଜା ପାର୍ବଣରେ ସମସ୍ତେ ଛୁଟି ମନାନ୍ତି । ପରିବାର ସହ ସମୟ ଅତିବାହିତ କରନ୍ତି । ମାତ୍ର କଳାକାରଙ୍କର ଛୁଟି ନ ଥାଏ। କାରଣ ମନୋରଞ୍ଜନ କରିବା ସେମାନଙ୍କର ଧର୍ମ। ଜଲିଉଡ୍‌ର କେତେକ ଲୋକପ୍ରିୟ କଳାକାରଙ୍କ ପାର୍ବଣ ଅବସରକୁ ନେଇ ଏଇ ଆଲେଖ୍ୟ...



କ୍ରିଷ୍ଣା

## ବୋଉର ସ୍ୱପ୍ନ ପୂରା କରିବି; ତାକୁ କଲିକତା ବୁଲେଇନେବି


ଜଣେ ପୁଅର ଜୀବନରେ ସେତେବେଳେ ସାର୍ଥକତା ଆସେ ଯେତେବେଳେ ସେ ମା'ବାପାଙ୍କର ସ୍ୱପ୍ନକୁ ପୂରଣ କରିବାରେ ସଫଳ ହୋଇଥାଏ। ମୋ ବୋଉ (ପାର୍ବତୀ ରାଉତ) ଯେତେବେଳେ ପିଲାଟିଏ ହୋଇଥିଲା ସେତେବେଳେ ସେ ତା' ବାପା (ଅର୍ଥାତ୍ ମୋ ଅଜା)ଙ୍କ ନିକଟକୁ କଲିକତା ବୁଲିବା ପାଇଁ ଯାଇଥିଲା। କଲିକତାର ପ୍ରସିଦ୍ଧ ଦୁର୍ଗାପୂଜା ବି ଦେଖିଥିଲା। ଯା ଭିତରେ ଅନେକ ବର୍ଷ ବିତିଗଲାଣି। ସେ ଆଉ କଲିକତା ଯାଇନାହିଁ। ତେବେ ତା'ର ଇଚ୍ଛା ଥିଲା ସେ ଆଉଥରେ କଲିକତା ଯାଇ ଦୁର୍ଗାପୂଜା ଦେଖିବ। କର୍ମଜଞ୍ଜାଳ ଭିତରେ ରହି ମୁଁ ତା'ର ଇଚ୍ଛାକୁ ପୂରଣ କରିପାରି ନ ଥିଲି। ତେଣୁ ଏଥର ମୁଁ ମୋ ବୋଉର ସ୍ୱପ୍ନକୁ ପୂରା କରିବି। ଅର୍ଥାତ ମୋ ବୋଉକୁ ମୁଁ ଦଶହରାରେ କଲିକତା ବୁଲେଇନେବି। ଏହାଠାରୁ ବଳି ବଡ଼ କାମ ମୋ ପାଇଁ ଆଉ କିଛିନାହିଁ। ସେଥିଲାଗି ମୁଁ ବହୁତ ଉତ୍ସାହିତ ଅଛି। ଆଉ ଭାବୁଛି, ଏ ପୂଜାଟି ମୋ ପାଇଁ ସବୁଠୁ ସ୍ମରଣୀୟ ହୋଇ ରହିବ।

*– ଲିଟିଲ ମାଷ୍ଟର ବିନୋଦ ରାଉତ (ନିର୍ଦ୍ଦେଶକ, ଜଲିଉଡ)*

## ପରିବାର ସହ ପୂଜା ପାଳିବି

ଦଶହରା ପୂଜାକୁ ନେଇ ବେଶ୍ ଖୁସି ଅଛି। ମୁଖ୍ୟତଃ ସବୁବେଳେ ପୂଜାଟିକୁ ମୁଁ ପରିବାର ସହିତ ପାଳନ କରିବା ପାଇଁ ବେଶି ପସନ୍ଦ କରିଥାଏ। ଏଥର ସେଇଆ ବି ଯୋଜନା ରହିଛି। କୌଣସି ପର୍ବପର୍ବାଣିରେ ପରିବାର ସହିତ ରହିବାର ମଜା ନିଶ୍ଚୟ କିଛି ନିଆରା। ବର୍ଷକ ପରେ ମା' ଆସୁଛନ୍ତି। ମା'ଙ୍କ ନିକଟରେ କଳା ଓ କଳାକାରଙ୍କର ମଙ୍ଗଳ ମନାସିବି। ଅବଶ୍ୟ ଚଳିତ ବର୍ଷ ହୁଏତ ମୋତେ କୌଣସି ଏକ ନାଟକ ନେଇ କ୍ୟାମ୍ପରେ ରହିବାକୁ ପଡ଼ିପାରେ। ଯଦି ସେମିତି ହୁଏ ତା'ହେଲେ ପରିବାରକୁ ମିସ୍ କରିବି।

*– ତାପସ ସ୍ୱାଇଁ (ନିର୍ଦ୍ଦେଶକ, ଜଲିଉଡ)*



ରୁଦ୍ର



ବିନୋଦ ରାଉତ



ପ୍ରଦୀପ ବେହେରା



ତାପସ ସ୍ୱାଇଁ



କାବେରୀ

## କଳାକାରଙ୍କ ଗହଣରେ ପୂଜା ପାଳିବି

ଏଥର ପୂଜାରେ ମୁଁ ପରିବାରକୁ ସମୟ ଦେଇପାରିବି ନାହିଁ। ଏହା ହିଁ ମୋର ଏକ ବଡ଼ ଅବସୋସ। କାରଣ ମୋତେ ସେତେବେଳେ ମୋର ଏକ ନାଟକକୁ ନିର୍ଦ୍ଦେଶନା ଦବା ପାଇଁ ହେଉଥିବ। ତେବେ ଏଥିପାଇଁ ଦୁଃଖ ନାହିଁ। କାରଣ ଏହା ହିଁ ହେଉଛି ଜଣେ କଳାକାର ଜୀବନର ସବୁଠୁ ବଡ଼ ବାସ୍ତବତା। ତା' ପାଇଁ କଳା ହେଉଛି ଆଗ। କର୍ତ୍ତବ୍ୟ ହେଉଛି ଆଗ। ଆଉ ସବୁକିଛି ପଛ। ଏକଥା ବି ପରିବାର ସଦସ୍ୟ ଜାଣିଯାଇଛନ୍ତି। ଆଉ ସେମାନେ ସେଥିପାଇଁ ନିଜକୁ ପ୍ରସ୍ତୁତ ମଧ୍ୟ କରି ନେଇଛନ୍ତି। ଆଉ ଗୋଟେ କଥା ହେଉଛି, ମୁଁ ସିନା ପରିବାର ସଦସ୍ୟଙ୍କ ସହ ପାର୍ବଣ ପାଳି ପାରିବିନି। ହେଲେ ମୋର କଳାକାର ଭାଇଭଉଣୀଙ୍କ ସହିତ ଏଥର ପୂଜା ପାଳିବାର ସୁଯୋଗ ଆସିଛି। ମୁଁ ପୂଜା ସେଇମାନଙ୍କ ସହିତ ଉପଭୋଗ କରିବି।

*– ପ୍ରଦୀପ ବେହେରା (ନାଟ୍ୟକାର ଓ ନିର୍ଦ୍ଦେଶକ)*

## ଦର୍ଶକଙ୍କ ସହିତ ପୂଜା କାଟେ

ମୁଁ ହେଉଛି ଜଣେ କଳାକାର। ଆଉ ମୋର ପ୍ରିୟଦର୍ଶକମାନଙ୍କୁ ମନୋରଞ୍ଜନ ଯୋଗେଇଦବା ହେଉଛି ମୋର ଧର୍ମ। ଆପଣ ତ ଜାଣନ୍ତି ପୂଜାପାର୍ବଣରେ ଲୋକମାନେ ସବୁଠୁ ବେଶି ମନୋରଞ୍ଜନ କରିବାକୁ ଭଲପାଆନ୍ତି। ସେଥିଲାଗି ମୋର ସବୁବର୍ଷ ପୂଜାଟି ଦର୍ଶକଙ୍କ ମନୋରଞ୍ଜନ କରିବାରେ ହିଁ କଟିଥାଏ। ମୋର କହିବା କଥା ହେଉଛି ଦଶହରାରେ ଯାତ୍ରାପାର୍ଟି ଯେଉଁଠି ପଡ଼େ ଆମେ ସେଇଠି ଥାଉ। ଆଉ ଯାତ୍ରା କରୁଥାଉ। ଘର କଥା ତ ମନେପଡ଼େ। ଇଚ୍ଛାହୁଏ, ମୁଁ ବି ପରିବାର ସହିତ ଥାଆନ୍ତି। ସେମାନଙ୍କ ସହିତ ମିଶି ଦଶହରା ଉପଭୋଗ କରୁଥାନ୍ତି। ହେଲେ ସେମିତି କେବେ ଘଟେନି। ତେବେ ସେଥିଲାଗି କେବେ ମନ ଊଣା ହେଇନି। ଓଲଟି ମୁଁ ଯେ, ମୋର ପ୍ରିୟ ଦର୍ଶକଙ୍କ ପାର୍ବଣକୁ ଆହୁରି ମଜାଦାର କରିପାରୁଛି, ସେମାନଙ୍କ ଖୁସିକୁ ବଢ଼େଇବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିପାରୁଛି ଏହା ଭାବିଲେ ମନ ପୂରି ଉଠେ। କଳାକାରଟିଏ ଆଉ କ'ଣ ଚାହେଁ କି!

*– ରୁଦ୍ର ମିଶ୍ର (ନାୟକ, କୋଣାର୍କ ଗଣନାଟ୍ୟ)*

## ପୂଜାରେ ମୁଁ ବ୍ରତ ରଖେ

ସବୁ ବର୍ଷ ପୂଜା ମୁଁ ଧୁମ୍‌ଧାମ୍‌ରେ ମନାଏ। ପାର୍ଟି ଯେଉଁଠି ବି ପଡ଼ିଥାଏ ମୁଁ ସେଠାରେ ପୂଜାକରେ। ପୂଜାଦିନ ବ୍ରତ ରଖେ। ଉପବାସ କରେ। ଜଣେ ଓଡ଼ିଆ ଘରର ଝିଅ ମୁଁ। ମୁଁ ମୋ ସଂସ୍କୃତି ପରମ୍ପରାକୁ ଭୁଲିଯିବି କେମିତି ? ଘରେ ଥିବାବେଳେ ଖୁବ୍ ପିଠାପଣା ହୁଏ। ଖୁବ୍ ମଜାହୁଏ। ହେଲେ ସବୁବେଳେ ପୂଜାପାର୍ବଣ ଅବସରରେ ଘରେ ରହିବା ସମ୍ଭବ ହୋଇପାରେ ନାହିଁ। ତା'ସତ୍ତ୍ୱେ ବି ମୁଁ ମୋ ସ୍ୱାମୀଙ୍କ ପାଖେପାଖେ ରହୁଥିବାରୁ ପୂଜା ବେଳେ ଆଦୌ ଏକୁଟିଆ ଅନୁଭବ କରେନାହିଁ। ଏବର୍ଷ ପାର୍ଟି ଯେଉଁଠି ପଡ଼ିଥିବ ସେଠାରେ ମା'ଙ୍କ ପୂଜା କରିବି। ଆଉ ସମସ୍ତଙ୍କର ମଙ୍ଗଳ ମନାସିବି।

*– କାବେରୀ (ନାୟିକା, ସ୍ୱର୍ଣ୍ଣମହଲ)*

## ମୁଁ ଓଷା କରି ସମସ୍ତଙ୍କ ମଙ୍ଗଳ ମନାସେ

ପୂଜାରେ ତ କୁଆଡ଼େ ଯିବାର ଚାନ୍ସ ନାହିଁ। କାରଣ ପୂଜା ସମୟରେ ହିଁ ଆମକୁ ଯାତ୍ରା କରିବାକୁ ହୋଇଥାଏ। ତେଣୁ ବେଳେବେଳେ ଭାରି ମନଦୁଃଖ ହୁଏ। ପରିବାର କଥା ଖୁବ୍ ମନେପଡ଼େ। ପୂଜାରେ ମେଳା ଦେଖିବାକୁ ଆସିଥିବା ଲୋକମାନଙ୍କୁ ଦେଖିଲେ ମନରେ ଭାରି କଷ୍ଟହୁଏ। ହେଲେ କ'ଣ କରାଯାଇପାରିବ ? ଆମର ପ୍ରଫେସନ୍ ତ ସେଇଆ। ମୁଁ ଦୁର୍ଗାପୂଜାରେ ଓଷାକରେ। ବ୍ରତ ରଖେ। ପାଖରେ ତ ଦୁର୍ଗାମଣ୍ଡପ ଥାଏ। ସେଠାରେ ଯାଇ ମୁଁ ପୂଜାକରେ। ମା'ଙ୍କ ନିକଟରେ ସମସ୍ତଙ୍କ ମଙ୍ଗଳ କାମନା କରିଥାଏ।

*– କ୍ରିଷ୍ଣା (ଗାୟିକା, ଧଉଳି ଗଣନାଟ୍ୟ)*

ବ୍ୟାକ୍ ପେଜ୍









# ବାପାଙ୍କ ସେବାରେ କୁନି ଝିଅ

୬ ବର୍ଷର କୁନି ଝିଅ ଜିଆ ଜିଆ। ଯେଉଁ ବୟସରେ ସେ ବାପାଙ୍କ କାନ୍ଧରେ ବସି ଦୁନିଆ ଦେଖିବା କଥା, କଣ୍ଢେଇକୁ ସଜେଇ ଖେଳ ଖେଳିବା କଥା ସେହି ବୟସରେ ସେ ସାଜିଛି ପକ୍ଷାଘାତଗ୍ରସ୍ତ ବାପାଙ୍କ ସାହାରା। ଖୁଆଇବା, ପିଆଇବାଠୁ ଆରମ୍ଭକରି ମାଲିସ୍ ସବୁକିଛି ସେ ନିଜ କୁନି କୁନି ହାତରେ କରୁଛି। ଯେଉଁ ଦାୟିତ୍ୱ ଜିଆ ଜିଆଙ୍କ ମା' କରିବା କଥା ତାକୁ ସେ ନିଜେ କରୁଛନ୍ତି। ଏଭଳି ଏକ ଘଟଣା ସାମ୍ନାକୁ ଆସିଛି ଚାଇନାରେ। ୨୦୧୬ରେ ଜିଆ ଜିଆଙ୍କ ବାପା ଟିଆନ୍ ହାଇଚେଙ୍ଗଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା। ଆଉ ସେହି ଦୁର୍ଘଟଣା ଯୋଗୁ ଟିଆନ୍‌ଙ୍କ ଛାତିଠାରୁ ତଳ ପର୍ଯ୍ୟନ୍ତ ପକ୍ଷାଘାତ ହୋଇ ଅକାମୀ ହୋଇଗଲା। ଏଭଳି ଦୁଃଖଦ ଘଟଣା ଘଟିବାର ମାତ୍ର ଦୁଇ ମାସ ପରେ ଟିଆନ୍‌ଙ୍କ ସ୍ତ୍ରୀ ନିଜ ବଡ଼ ପୁଅକୁ ଧରି ବାପଘରକୁ କିଛିଦିନ ପାଇଁ ଯିବେ ବୋଲି କହିଲେ। ହେଲେ ଯିବାପରେ ସେ ଆଉ ଫେରିଲେ ନାହିଁ। ଟିଆନ୍‌ଙ୍କ ସ୍ତ୍ରୀ ସିନା ଏଭଳି ପରିସ୍ଥିତିରେ ହାତ ଛାଡ଼ି ଚାଲିଗଲେ, ହେଲେ କୁନି ଝିଅ ଜିଆ ଜିଆ ସାଜିଲା ବାପାଙ୍କ ସାହାରା। ବାପାଙ୍କୁ ପୂର୍ବବତ୍ ସୁସ୍ଥ କରାଇବା ପାଇଁ ନିଜେ ଅଣ୍ଟା ଭିଡ଼ିଲା। ଆଉ ଦିନରାତି ଏକ କରିଦେଲା। ପ୍ରତିଦିନ ସକାଳ ୬ଟାରୁ ଉଠି ଅଧଘଣ୍ଟା ପର୍ଯ୍ୟନ୍ତ ଜିଆ ଜିଆ ବାପାଙ୍କୁ ମାଲିସ୍ କରନ୍ତି। ସ୍କୁଲ ଯିବା ପୂର୍ବରୁ ସେ ବାପାଙ୍କୁ ବ୍ରଶ୍ କରେଇ ମୁହଁ ଧୋଇଦିଅନ୍ତି। ଆଉ ସ୍କୁଲ ଚାଲି ଯାଆନ୍ତି ଏହାପରେ ବାପାଙ୍କ ଯତ୍ନ ଜେଜେବାପା, ଜେଜେ ମା' ନିଅନ୍ତି। ଘରକୁ ଫେରିବା ପରେ ଜିଆ ଜିଆ ପୁଣି ବାପାଙ୍କ ସେବାରେ ଲାଗିଯାଆନ୍ତି। ତାଙ୍କୁ ଡିନର ଖୁଆଇବା ସହ ଏକ ମେଶିନ ସାହାଯ୍ୟରେ ବାପାଙ୍କୁ ଘରସାରା ବୁଲାନ୍ତି। ବାପାଙ୍କ ନିଶ, ଦାଢ଼ି ବି ସେ କାଟିଦିଅନ୍ତି। ଯଦିଓ ପ୍ରଥମେ ପ୍ରଥମେ ସେ ଏହା ଜାଣି ନ ଥିଲେ, ଆଉ ଟିଆନ୍‌ଙ୍କ ଗାଲ କଟିଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଜିଆ ଜିଆ ଏଥିରେ ପାରଙ୍ଗମ ହୋଇଯାଇଛନ୍ତି। ତେବେ ଯେତେବେଳେ ତାଙ୍କୁ ପଚରାଯାଏ ମା' କଥା ମନେପଡୁଛି ନା ନାହିଁ ସେ କହନ୍ତି, ''ନା। ସେ ବାପାଙ୍କୁ ଏଭଳି ଅବସ୍ଥାରେ ଛାଡି ଚାଲିଗଲେ। ତେବେ ଭାଇ କଥା ମନେପଡ଼େ।''

କଥାଟି ଅବିଶ୍ୱସନୀୟ ଲାଗିପାରେ। ହେଲେ ବାସ୍ତବରେ ଏମିତି ଏକ ଗାଁ ଅଛି, ଯେଉଁଠି କେବଳ ମଣିଷ ନୁହନ୍ତି ପଶୁପକ୍ଷୀ ବି ଅନ୍ଧ। ସେଥିପାଇଁ ଏଠାକାର ପକ୍ଷୀ ଉଡ଼ି ବି ପାରନ୍ତି ନାହିଁ। ଆଉ ଯେବେ ବି ଉଡ଼ିବାକୁ ଚେଷ୍ଟା କରନ୍ତି କୌଣସି ଗଛରେ ପିଟିହୋଇ ପଡିଯାଆନ୍ତି। ଏଠାକାର ପଶୁଙ୍କ ଅବସ୍ଥା ବି ଠିକ୍ ସେହିଭଳି। ସେମାନେ ତ ନିଜ ଖାଦ୍ୟ ବି ନିଜେ ଖୋଜିପାରନ୍ତି ନାହିଁ। ଏଠି ଲୋକଙ୍କର ଆଖି ଅଛି ସତ। ହେଲେ ସେଥିରେ ସେମାନେ ଦେଖିପାରନ୍ତି ନାହିଁ। ତେବେ ଏଭଳି କାହିଁକି ହେଉଛି ତାହା ଏକ ରହସ୍ୟ ହୋଇ ରହିଛି। ଗଣମାଧ୍ୟମର ଏକ ରିପୋର୍ଟ ଅନୁସାରେ, 'ଟିଲ୍ଟେପକ୍' ନାମକ ଏହି ଗାଁରେ ଜୋପୋଟେକ ଜନଜାତିର ଲୋକ ବସବାସ କରନ୍ତି। କୁହାଯାଏ, ଏଠାରେ ପିଲା ଜନ୍ମ ନେବା ସମୟରେ ଠିକ୍ ଥାଆନ୍ତି। ହେଲେ କିଛିଦିନ ପରେ ସେମାନେ ଦୃଷ୍ଟିହୀନ ହୋଇଯାଆନ୍ତି। ସଡ଼କ ପାର୍ଶ୍ୱରେ ଅବସ୍ଥିତ ଏହି ଗାଁର ଘରଗୁଡ଼ିକରେ କୌଣସି ଝରକା ନ ଥାଏ। କାରଣ ଏଠି କାହାକୁ ଆଲୋକର ଆବଶ୍ୟକତା ପଡି ନ ଥାଏ। ଏମାନଙ୍କର ଖାଦ୍ୟପାନୀୟ ବି ବେଶ୍ ଅଜବ। ଏମାନେ କେବଳ ବାଜରା ଓ ଶୁଖିଲା ଲଙ୍କାକୁ ଖାଦ୍ୟ ଭାବେ ନେଇଥାନ୍ତି। ବାଜରା ଖାଇବା ଅଜବ ନ ଲାଗିପାରେ ହେଲେ ଶୁଖିଲା ଲଙ୍କା ଖାଇବାଟା ନିଶ୍ଚୟ ଅଜବ ଲାଗିବ। ଏମାନେ ପାଖରେ କାଠରେ ତିଆରି ହତିଆର ରଖନ୍ତି। ରାତିରେ ଖାଇବା ପରେ ମଦ ପିଇ ନାଚ, ଗୀତ କରି ଶୁଅନ୍ତି। ଏସବୁ ଭିତରେ ଅନ୍ଧତ୍ୱ ହେଉଛି ସବୁଠୁ ବଡ଼ ଆଶ୍ଚର୍ଯ୍ୟ। ବିଶ୍ୱାସ କରାଯାଏ ଏହା ପଛରେ ଏକ ଗଛ ହେଉଛି ଦାୟୀ, ଯାହାର ନାଁ 'ଲାଓ୍ୱଜୁଏଯା'। ଏହି ଗଛକୁ ଦେଖିଲେ ଲୋକ ଅନ୍ଧ ହୋଇଯାଆନ୍ତି। ଏହାର ପ୍ରକୃତ କାରଣ ଖୋଜିବା ପାଇଁ ବୈଜ୍ଞାନିକମାନେ ବି ପ୍ରୟାସ କରିଛନ୍ତି। ସେମାନଙ୍କ ମତରେ ସେହି ଗଛ ଏହି ରହସ୍ୟ ପଛର କାରଣ ନୁହେଁ। କାରଣ ଏହାକୁ ପର୍ଯ୍ୟଟକମାନେ ଦେଖିବାପରେ ବି ଦୃଷ୍ଟିଶକ୍ତି ହରାଉ ନାହାନ୍ତି। ତାଙ୍କ ମତରେ ଏଠାରେ ଥିବା ଏକପ୍ରକାର ବିଷାକ୍ତ କଳାରଙ୍ଗର ମାଛି ହେଉଛି ଏହାର କାରଣ। ସେ କାମୁଡିଦେଲେ ଶରୀରରେ ଏମିତି ଏକ କୀଟାଣୁ ରହିଯାଏ, ଯାହା ଶରୀରରେ ବ୍ୟାପୀ ଆଖିର ଶିରା ପ୍ରଶିରାକୁ ବ୍ଲକ୍ କରିଦିଏ। ଫଳରେ ଦୃଷ୍ଟିଶକ୍ତି ଧୀରେ ଧୀରେ ନଷ୍ଟ ହୋଇଯାଏ।



# ଅନ୍ଧଙ୍କ ଗାଁ





